## ଅଲ୍ଲାଃ ତାଲାଙ୍କ ବାଣୀ

لَقَدۡ کَفَرَ الَّذِیۡنَ قَالُوۡۤا اِنَّ اللّٰہَ ثَالِثُ ثَلٰثَۃٍ ۘ وَ مَا مِنۡ اِلٰہٍ اِلَّاۤ اِلٰہٌ وَّاحِدٌ ؕ وَ اِنۡ لَّمۡ یَنۡتَہُوۡا عَمَّا یَقُوۡلُوۡنَ لَیَمَسَّنَّ الَّذِیۡنَ کَفَرُوۡا مِنۡہُمۡ عَذَابٌ اَلِیۡمٌ (المائدہ:74)

ଅନୁବାଦ- ଯେଉଁ ଲୋକମାନେ ଏପରି କହନ୍ତି ଯେ ବାସ୍ତବରେ ଅଲ୍ଲାଃ ତିନିଜଣଙ୍କ ମଧ୍ୟରୁ ଜଣେ, ନିଶ୍ଚୟ ସେମାନେ ଅବିଶ୍ୱାସକାରୀ ଅଟନ୍ତି; ଏବଂ ଏକମାତ୍ର ଉପାସ୍ୟ (ଅଲ୍ଲାଃଙ୍କ) ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ଏବଂ ସେମାନେ ଯାହା କିଛି କହନ୍ତି ଯଦି ସେଥିରୁ କ୍ଷାନ୍ତ ନ ହୁଅନ୍ତି, ତେବେ ସେମାନଙ୍କ ମଧ୍ୟରେ ଯେଉଁମାନେ ଅବିଶ୍ୱାସ କରିଛନ୍ତି ସେମାନଙ୍କୁ ନିଶ୍ଚୟ ଯନ୍ତ୍ରଣାଦାୟକ ଶାସ୍ତି ମିଳିବ ।

*(ଅଲ୍‌ମାଇଦା: ୭୪)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّ اَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 33

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

19 ଅଗଷ୍ଟ 2021    19 ଜହୁର୍ 1400 ହି.ଶ    09 ମୋହରମ୍ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ:ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ:ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ:ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

اِنَّمَا یَخۡشَی اللّٰہَ مِنۡ عِبَادِہِ الۡعُلَمٰٓؤُا

**ଈଶ୍ୱରୀୟ ବିଦ୍ୱାନ ହେଉଛନ୍ତି ସେ ଯିଏ ଅହରହ ଭାବରେ ଅଲ୍ଲାଃଙ୍କୁ ଭୟ କରିଥାନ୍ତି ଏବଂ ସେ ତାଙ୍କର ଜିହ୍ୱାକୁ ବୃଥା ବ୍ୟବହାର କରନ୍ତି ନାହିଁ ।**

## ହଜରତ ମସିହ ମଉଦ ଆ:ସ ଙ୍କ ନୀତି ବାଣୀ

### ଜଣେ ଈଶ୍ୱରୀୟ ବିଦ୍ୱାନଙ୍କ ସଂଜ୍ଞା

ଆଧ୍ୟାତ୍ମିକ ଓ ଈଶ୍ୱରୀୟ ବିଦ୍ୱାନ ସେ ନୁହନ୍ତି ଯିଏ କେବଳ ଆରବୀ ସର୍ଫ ଓ୍ୱ ନହୁ (ଅର୍ଥାତ ଭାଷାଗତ ବ୍ୟାକରଣ) ଓ ତର୍କଶାସ୍ତ୍ରରେ ନିପୁଣ ହୋଇଥିବେ ବରଂ ଈଶ୍ୱରୀୟ ବିଦ୍ୱାନ ହେଉଛନ୍ତି ସେ ଯିଏ ଅହରହ ଭାବରେ ଅଲ୍ଲାଃଙ୍କୁ ଭୟ କରିଥାନ୍ତି ଏବଂ ସେ ତାଙ୍କର ଜିହ୍ୱାକୁ ବୃଥା ବ୍ୟବହାର କରନ୍ତି ନାହିଁ । କିନ୍ତୁ ଏବେ ଏପରି ସମୟ ଆସିଯାଇଛି ଯେ ଯେଉଁମାନଙ୍କର ବୃତି ହେଉଛି ଶବ ଧୋଇବା, ସେମାନେ ବି ନିଜକୁ ନିଜେ ପଣ୍ଡିତ ବୋଲାଉଛନ୍ତି ଓ ଏହି ଶବ୍ଦ (ଅର୍ଥାତ ପଣ୍ଡିତ/ବିଦ୍ୱାନ)କୁ ନିଜ ପାଇଁ ବ୍ୟବହାର କରୁଛନ୍ତି । ଏହିପରି ଭାବରେ ଏ ଶବ୍ଦଟିର ବଡ଼ ଅପମାନ କରାଯାଇଅଛି ଏବଂ ଅଲ୍ଲାଃଙ୍କ ଇଚ୍ଛା ଓ ଉଦ୍ଦେଶ୍ୟ ବିରୁଦ୍ଧରେ ଏହାର ଭାବାର୍ଥ କରାଯାଇଅଛି । ଅପରପକ୍ଷେ ପବିତ୍ର କୁର୍‌ଆନ୍‌ରେ ପ୍ରକୃତ ବିଦ୍ୱାନମାନମାନଙ୍କର ଗୁଣ ବିଷୟରେ ଏହା ବର୍ଣ୍ଣନା କରାଯାଇଛି:- **ଇନ୍ନମା ୟଖ୍‌ଶଲ୍ଲାହା ମିନ୍ ଇବାଦି ହିଲ୍ ଓ୍ୱଲମାଉ** ***(ଫାତିର୍:୨୯)*** ଅର୍ଥାତ:- ଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନୀ କେବଳ ସେହିମାନେ ଅଲ୍ଲାଃଙ୍କୁ ଭୟ କରିଥାନ୍ତି । ଏବେ ଦେଖିବା ଜରୁରୀ ହେବ ଯେ ଯେଉଁ ଲୋକମାନଙ୍କ ମଧ୍ୟରେ ଏହି ବିଶେଷଗୁଣ ଅର୍ଥାତ ଈଶ୍ୱର ଭୟ ନାହିଁ, ସେ କଦାପି ଏହି ଆଖ୍ୟା ପାଇବାକୁ ଯୋଗ୍ୟ ନୁହନ୍ତି ।

ଅସଲ କଥା ହେଉଛି ଏହା କି **ଓ୍ୱଲେମା** ଶବ୍ଦଟି **ଆଲିମ୍** ଶବ୍ଦର ବହୁବଚନ । ଆରବୀ ଭାଷାରେ **ଇଲ୍‌ମ୍** (ଜ୍ଞାନ) ଏପରି ଜିନିଷକୁ କୁହାଯାଏ ଯାହା ନିଶ୍ଚିତ ଓ ନିର୍ଦ୍ଦିଷ୍ଟ ହୋଇଥିବ ଏବଂ ପ୍ରକୃତ ଜ୍ଞାନ ପବିତ୍ର କୁର୍‌ଆନ୍‌ରୁ ହିଁ ମିଳିଥାଏ । ଏହା ନା ଗ୍ରୀର୍କ ଦର୍ଶନରେ ମିଳିଥାଏ ନା ଏବେକାର ଇଂରାଜୀ ଦର୍ଶନରେ । ବରଂ ଏହା ପ୍ରକୃତ ବିଶ୍ୱାସମୂଳକ ଦର୍ଶନରୁ ପ୍ରାପ୍ତ ହୋଇଥାଏ । ମୋମିନ୍ (ଅର୍ଥାତ ଜଣେ ବିଶ୍ୱାସୀ)ର ଶିଖର ଓ ସିଦ୍ଧତା ହେଉଛି ଏହା କି ସେ ଓ୍ୱଲେମା (ଅର୍ଥାତ ବିଦ୍ୱାନମାନଙ୍କ) ସ୍ତରକୁ ପହଂଚୁ ଓ ନିଶ୍ଚିତ ସତ୍ୟତାର ସ୍ଥିତିକୁ ହାସଲ କରୁ ଯାହା ହେଉଛି ଜ୍ଞାନର ସର୍ବୋଚ୍ଚ ସ୍ତର । କିନ୍ତୁ ଯେଉଁ ବ୍ୟକ୍ତି ସତ୍ୟ ଓ ନିର୍ଦ୍ଦିଷ୍ଟ ଜ୍ଞାନରୁ ବଂଚିତ, ଯାହା ଉପରେ ଐଶ୍ୱରୀୟ ଜ୍ଞାନ ଓ ଅନ୍ତଦୃଷ୍ଟିର ମାର୍ଗ ଖୋଲାଯାଇ ନାହିଁ, ସେ ନିଜକୁ ନିଜେ ଜ୍ଞାନୀ ତ' ବୋଲାଇପାରେ କିନ୍ତୁ ସେ ଜ୍ଞାନର ଗୁଣ ଓ ବିଶେଷତାରୁ ସମ୍ପୁର୍ଣ୍ଣ ରୂପେ ବଂଚିତ । ଆଲୋକ ଓ ଜ୍ୟୋତି ଯାହା ପ୍ରକୃତ ଜ୍ଞାନରୁ ମିଳିଥାଏ, ତାହା ସେମାନଙ୍କଠାରେ ମିଳେନାହିଁ ବରଂ ଏପରି ଲୋକେ ସମ୍ପୂର୍ଣ୍ଣରୂପେ କ୍ଷତିରେ ପଡ଼ିଥାନ୍ତି । ଏମାନେ ନିଜର ପରକାଳକୁ ଧୂଆଁ ଓ ଅନ୍ଧକାରରେ ପୂରଣ କରିଥାନ୍ତି । ଏହି ଲୋକମାନଙ୍କ ବିଷୟରେ ଅଲ୍ଲାଃ ତାଲା କହିଛନ୍ତି:- **ମନ କାନା ଫି ହାଜିହି ଆମା ଫହୁଓ୍ୱ ଫିଲ୍ ଆଖିରତି ଆମା** ***(ବନି ଇସ୍ରାଇଲ୍:୭୩)*** ଅର୍ଥାତ ଯେ ଏଠାରେ (ଅର୍ଥାତ ସଂସାରରେ) ଅନ୍ଧ ହୋଇଥିବ ସେ ପରକାଳରେ ମଧ୍ୟ ଅନ୍ଧ ହେବ । ଯାହାକୁ ଏଠାରେ ଜ୍ଞାନ, ଅନ୍ତର୍ଦୃଷ୍ଟି ଏବଂ ଈଶ୍ୱରଙ୍କୁ ଚିହ୍ନିବାର ଜ୍ଞାନ ଦିଆଯାଇନାହିଁ ତାକୁ ସେଠାରେ କ'ଣ ଜ୍ଞାନ ମିଳିବ? ଈଶ୍ୱରଙ୍କୁ ଦେଖିବାର (ଓ ଚିହ୍ନିବାର) ଆଖି ଏହି ଦୁନିଆରୁ ହିଁ ନେଇଯିବାକୁ ପଡ଼ିଥାଏ । ଯିଏ ଏହି ଦୁନିଆରେ ଏପରି ଆଖି ବିକଶିତ କରେନାହିଁ, ତା'ଠାରୁ ଏ ଆଶା ରଖିବା ଉଚିତ ନୁହେଁ ଯେ ସେ ଅଲ୍ଲାଃଙ୍କୁ କେବେ ଦେଖିପାରିବ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୧୭ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

**ସବୁଠାରୁ ବଡ଼ କଥା ଯାହା ପାଇଁ ପବିତ୍ର କୁର୍‌ଆନ୍ ଆସିଛି, ତାହା ହେଉଛି ତାହାର ସିଦ୍ଧତା ଓ ଆକର୍ଷଣୀୟ ଶିକ୍ଷା**

**ଜଣେ ଇହୁଦୀ କହିଲେ ଯେ ଆପଣଙ୍କ ଶରିୟତ୍‌ରେ ଗୋଟିଏ କଥା ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ, ମଣିଷ ଜୀବନର ଏପରି କୌଣସି ଅବସ୍ଥା ନାହିଁ ଯାହା ଉପରେ ଏହି ଶରିୟତ୍ ଆଲୋକପାତ ନ କରିଥିବ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଇବ୍ରାହିମ୍‌ର ଆୟତ ନଂ-୦୩ **ରୁବମା ୟଓ୍ୱଦ୍ଦୁଲ୍ ଲଜିନା କଫରୁ ଲୌ କାନୁ ମୁସ୍‌ଲିମିନ୍** ର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି:-

କୁଫାର ଅର୍ଥାତ ଅବିଶ୍ୱାସୀମାନଙ୍କର ଏହି ଇଚ୍ଛା ସମ୍ବନ୍ଧରେ ସମୀକ୍ଷକମାନେ ତର୍କ ବିତର୍କ କରିଛନ୍ତି ଯେ ସେମାନେ କେବେ ଏ ଇଚ୍ଛା ପୋଷଣ କରିଥିଲେ ଯେ ସେମାନେ ମୁସଲମାନ ହେବେ? କେତେକ ବାଧ୍ୟ ହୋଇ କହିଲେ ଯେ ସେମାନେ ସେତେବେଳେ ଏ ଇଚ୍ଛା କରିବେ ଯେତେବେଳେ ମୁସଲମାନମାନଙ୍କର ବିଜୟ ହେବ । କେତେକ ଏହା କହିଛନ୍ତି ଯେ ସେମାନେ କୟାମତ ଦିନ କହିବେ ଯେ କାଳେ ଆମେ ମୁସଲମାନ ହୋଇଥାନ୍ତୁ ଏବଂ ଆଉ କେତେକ ଏହାକୁ ଇସ୍‌ଲାମ୍‌ର ବିକାଶ ହେବା କଥା କହିଛନ୍ତି ଅର୍ଥାତ ଯେବେ ବି ବିକାଶ ହେବ, ସେମାନେ ଏହି ଇଚ୍ଛା ପ୍ରକାଶ କରିବେ ।

ଏପରି ଅର୍ଥ କରିବା ବି ଠିକ୍ । ସେମାନଙ୍କ ଉପରେ କୌଣସି ଆପତି ହେବ ନାହିଁ କାରଣ ଯେତେବେଳେ ଶତ୍ରୁତା ବିନା କାରଣରେ ହୋଇଥାଏ, ଯେମିତି ଆରବର ଅବିଶ୍ୱାସୀକାରୀମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିଲା । ତେଣୁ ଶତ୍ରୁ ଯେତେବେଳେ ଉନ୍ନତି କରିଚାଲେ, ସେତେବେଳେ ମଣିଷ ଏକଥା ଭାବିଥାଏ ଯେ ମୁଁ ଯଦି ତାହାର ଶତ୍ରୁତା କରିନଥାନ୍ତି, ତା'ହେଲେ ଭଲ ହୋଇଥାନ୍ତା । ଏବେ ଲାଭ ଉଠାଇପାରିଥାନ୍ତି । ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଶତୃତା କେବଳ ଇର୍ଷା କାରଣରୁ ଥିଲା ଏବଂ ମହାଭାଗ ସ:ଆ:ସଙ୍କ ଅସାଧାରଣ ଉନ୍ନତି ଯୋଗୁଁ ସେହି ଇର୍ଷା କରିବାର ଅବସର ବି ଶେଷ ହେଉଥିଲା । ସେଥିଯୋଗୁଁ ସେମାନଙ୍କ ମନ ଭିତରେ ବାରମ୍ବାର ଏ ଭାବନା ଜାଗ୍ରତ ହେଉଥିବ ଯେ କାଳେ ଆମେ ମୁସଲମାନ ହୋଇଯାଇଥାନ୍ତୁ କି ।

ସେହିପରି ବଦର ଯୁଦ୍ଧ ଦିନ ଯୁଦ୍ଧ ଭୂମିରେ ଯେବେ ସେମାନେ ମରୁଥିଲେ, ସେତେବେଳେ ସେମାନଙ୍କ ମନ ଏହା ଚାହୁଁଥିବ ଯେ କାଳେ ଆମେ ମୁସଲମାନ ହୋଇଥାନ୍ତୁ କି ।

## ନବୀ ସ:ଆ:ସଙ୍କ ବାଣୀ

### ଦାନପୂଣ୍ୟ କରିବା ପାଇଁ ପ୍ରୋତ୍ସାହନ ଓ ତାହାର ବୈଶିଷ୍ଟ୍ୟ

(୧୪୧୬) ହଜ୍‌ରତ୍ ଅବୁ ମସ୍‌ଉଦ୍ ଅନ୍‌ସାରୀ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଯେବେ ଆମମାନଙ୍କୁ ସଦ୍‌କାଃ (ଦାନପୂଣ୍ୟ) କରିବା ପାଇଁ ଆଦେଶ ଦେଉଥିଲେ, ସେତେବେଳେ ଆମମାନଙ୍କ ମଧ୍ୟରୁ ଜଣେ ବଜାରକୁ ଯାଇ (ସେଠାରେ ମୂଲ ଲାଗି) ଭାର ଉଠାଉଥିଲା ଓ ପାରିଶ୍ରମିକ ରୂପେ ଏକ ମୁଦ୍ (ଅର୍ଥାତ ଏକ ଗଉଣି ବରାବର ଶସ୍ୟ) ହାସଲ କରୁଥିଲା । କିନ୍ତୁ ଏବେ ଏପରି ଅବସ୍ଥା ଆସିଯାଇଛି ଯେ ସେମାନଙ୍କ ମଧ୍ୟରୁ କେତେକଙ୍କ ନିକଟରେ ଏକ ଲକ୍ଷ (ଦିନାର) ରହିଛି ।

(୧୪୧୭) ହଜ୍‌ରତ୍ ଅଦି ବିନ୍ ହାତିମ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ କହିଲେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଏହା ଶୁଣିଛି ଯେ, ମହାଭାଗ ସ:ଆ:ସ କହୁଥିଲେ: ଖଣ୍ଡେ ଖଜୁରୀ ଦେଇ ମଧ୍ୟ ନିଆଁରୁ ବଂଚ ।

(୧୪୧୮) ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ କହୁଥିଲେ: ଜଣେ ମହିଳା ଆସିଲେ, ତାଙ୍କ ସହିତ ତାଙ୍କର ଦୁଇଜଣ ଝିଅ ଥିଲେ । ସେ ମତେ କିଛି ମାଗିଲେ । ମୋ ନିକଟରେ ସେ ଗୋଟିଏ ଖଜୁରୀ ବ୍ୟତୀତ ଆଉ କିଛି ପାଇଲେ ନାହିଁ । ମୁଁ ତାଙ୍କୁ ସେହି ଖଜୁରୀ ଟିକୁ ଦେଇଦେଲି । ସେ ସେହି ଖଜୁରୀକୁ ଅଧା ଅଧା ବାଂଟି ନିଜର ଦୁଇଜଣ ଝିଅଙ୍କୁ ଦେଇଦେଲେ, ନିଜେ କିଛି ଖାଇଲେ ନାହିଁ । ତା'ପରେ ପୁଣି ସେ ବାହାରକୁ ଚାଲିଗଲେ । ନବୀ ସ:ଆ:ସ ଯେବେ ଆମ ପାଖକୁ ଆସିଲେ, ମୁଁ ଆପଣ ସ:ଆ:ସଙ୍କୁ ଏହି ଘଟଣା କହିଲି । ଆପଣ ସ:ଆ:ସ କହିଲେ: ଯିଏ ସେହି ଝିଅମାନଙ୍କ ସକାଶେ କୌଣସି କଷ୍ଟ ଉଠାଇଛି, ତାହା ତାକୁ ନିଆଁରୁ ବଂଚାଇବ ।

***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

ସୁତରାଂ ଇସ୍‌ଲାମ୍‌ର ବିଜୟ ଶତୃମାନଙ୍କ ମନ ଭିତରେ ଏହି ଅନୁତାପ ନିଶ୍ଚିତ ରୂପେ ସୃଷ୍ଟି କରୁଥିବ ଯେ କାଳେ ଆମେ ବି ଏମାନଙ୍କ ସହିତ ଥାନ୍ତୁ । ମୁନାଫିକ୍ (କପଟୀ)ମାନଙ୍କ କପଟତା ପବିତ୍ର କୁର୍‌ଆନ୍‌ରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଅଛି । କାଫିର୍ (ଅବିଶ୍ୱାସକାରୀ)ମାନଙ୍କର ମଧ୍ୟ ଏହି ଅବସ୍ଥା ରହିଥିବ । ଏହା ଏକ ପ୍ରାକୃତିକ କଥା । ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

ମୋ ମତରେ ଏହି ସବୁ କଥା ବ୍ୟତୀତ ଆୟତର ଆଉ ଏକ ଅର୍ଥ ରହିଛି । ବ୍ୟାଖ୍ୟାକାରୀମାନେ ସାଧାରଣତଃ ବାହ୍ୟ ସୌନ୍ଦର୍ଯ୍ୟ, ସୁନ୍ଦର ବାକ୍ୟ ବିନ୍ୟାସ ଏବଂ ଚମତ୍କାରିତା ଉପରେ ଆଲୋଚନା କରୁଛନ୍ତି ଏବଂ ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଶିକ୍ଷାର ବିଶେଷତ୍ୱ ଉପରେ ବହୁତ କମ୍ ଆଲୋଚନା କରୁଛନ୍ତି । ମୋ ମତରେ ସବୁଠାରୁ ବଡ଼ କଥା ଯାହା ପାଇଁ ପବିତ୍ର କୁର୍‌ଆନ୍ ଆସିଛି, ତାହା ହେଉଛି ତାହାର ସିଦ୍ଧତା ଓ ଆକର୍ଷଣୀୟ ଶିକ୍ଷା ଏବଂ ସେ ସମ୍ବନ୍ଧରେ **ତିଲ୍‌କା ଆୟାତୁଲ୍ କିତାବ** ଆୟତରେ ସୂଚିତ କରିଛନ୍ତି । **ରବୁମା ୟଓ୍ୱଦ୍ଦୁଲ୍ ଲଜିନା କଫରୁ** ଆୟତରେ ଏହି ଶିକ୍ଷାର ସୌନ୍ଦର୍ଯ୍ୟ ଉପରେ ଈର୍ଷା କରାଯିବାର ଚର୍ଚ୍ଚା କରାଯାଇଅଛି । ଅର୍ଥାତ ଅଲ୍ଲାଃ କହିଛନ୍ତି ଯେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାଗୁଡ଼ିକୁ ଦେଖି କାଫିର୍ ବାରମ୍ବାର ଏହା କହି ଉଠୁଛନ୍ତି ଏବଂ କହି ଉଠିବେ ଯେ କାଳେ ଆମେ ମଧ୍ୟ ମୁସଲମାନ ହୋଇଥାଆନ୍ତୁ । ଏହିପରି ସବୁବେଳେ ହୋଇଆସିଛି ଓ ହୋଇ ଆସୁଥିବ ।

ହଜ୍‌ରତ୍ ଉମର୍ ର:ଅଙ୍କୁ ଜଣେ ଇହୁଦୀ କହିଲେ ଯେ ପବିତ୍ର କୁର୍‌ଆନ୍‌ରେ ଏପରି ଗୋଟିଏ ଆୟତ ଅଛି, ଯଦି ତାହା ଆମ ପୁସ୍ତକରେ ଅବତୀର୍ଣ୍ଣ ହୋଇଥାନ୍ତା ତା'ହେଲେ ଆମେ ସେହିଦିନ ଈଦ୍ ପାଳନ କରିଥାନ୍ତୁ । ହଜ୍‌ରତ୍ ଉମର୍ ର:ଅ ପଚାରିଲେ ତାହା କେଉଁ ଆୟତ ? ସେ ଉତର ଦେଲେ **ଅଲ୍‌ୟୋମା ଅକ୍‌ମଲ୍‌ତୁ ଲକୁମ୍ ଦୀନକୁମ୍** ଆୟତ । ହଜ୍‌ରତ୍ ଉମର୍ ର:ଅ କହିଲେ ସେହିଦିନ ଆମ ପାଇଁ ଦୁଇ ଦୁଇଟି ଈଦ୍ ଥିଲା । ଅର୍ଥାତ ଯେଉଁ ଦିନ ଏହି ଆୟତଟି ଅବତୀର୍ଣ୍ଣ ହୋଇଥିଲା ସେହି ଦିନଟି ଜୁମା ଓ ଅର୍‌ଫା ଦିନ ଥିଲା । ସେହିପରି ଆଉ ଜଣେ ଇହୁଦୀ କହିଲେ ଯେ ଆପଣଙ୍କ ଶରିୟତ୍‌ରେ ଗୋଟିଏ କଥା ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ, ମଣିଷ ଜୀବନର ଏପରି କୌଣସି ଅବସ୍ଥା ନାହିଁ ଯାହା ଉପରେ ଏହି ଶରିୟତ୍ ଆଲୋକପାତ ନ କରିଥିବ ।

ଏହିପରି ଅଭିଳାଷା ହଜାର ହଜାର ହୃଦୟରେ ସୃଷ୍ଟି ହୋଇଥିବ । କିନ୍ତୁ ଏହାର ପରିପ୍ରକାଶ ଜଣେ ଅଧେ ଲୋକ କରିଛନ୍ତି । ପବିତ୍ର କୁର୍‌ଆନ ମଧ୍ୟ **ୟଓ୍ୱଦ୍ଦୁ** (ସେମାନଙ୍କ ମନ ସେମାନେ ତାଙ୍କ ମୁହଁରେ ମଧ୍ୟ ପ୍ରକାଶ କରିଛନ୍ତି) କହିନାହିଁ । ଏ ଯୁଗରେ ମଧ୍ୟ ତଲାକ, ମଦ୍ୟପାନ, ସମ୍ପତି ବିଭାଜନ ଭଳି ଅନେକ ସମସ୍ୟାର (ସମାଧାନ ପବିତ୍ର କୁର୍‌ଆନ୍‌ରେ) ଦେଖି ଏ ଦୁନିଆର ଲୋକମାନେ ଈର୍ଷା କରୁଛନ୍ତି । ଯେତେବେଳେ ଜଣେ ୟୁରୋପୀୟ ବ୍ୟକ୍ତିଙ୍କ ମନରେ ଏ ଭାବନା ଆସିଥାଏ ଯେ ଆମ ସମାଜରେ ମଧ୍ୟ ତଲାକର କାନୁନ ରହିବା ଉଚିତ, ତା'ହେଲେ ଅନ୍ୟ ଅର୍ଥରେ ସେ ଏହା କହିଥାଏ ଯେ କାଳେ ମୁଁ ମୁସଲମାନ ହୋଇଥାନ୍ତି କି । ସେହିପରି ଯେବେ ଜଣେ ଆମେରିକୀୟ ବ୍ୟକ୍ତିର ମନରେ ଏକଥା ଜାଗ୍ରତ ହୁଏ କି ମଦ/ସୁରା ବନ୍ଦ ହେବା ଉଚିତ, ସେତେବେଳେ ସେ **ରୁବମା ୟଓ୍ୱଦ୍ଦୁଲ୍ ଲଜିନା କଫରୁ ଲୌ କାନୁ ମୁସ୍‌ଲିମିନ୍** ଆୟତକୁ ସମର୍ଥନ କରିଥାଏ । କିଛିଦିନ ପୂର୍ବେ ହିନ୍ଦୁସ୍ତାନର ଲେଜିସ୍‌ଲେଟିଭ ଆସେମ୍ବିଲ୍‌ର ଜଣେ ହିନ୍ଦୁ ସଭ୍ୟ ନାବାଳକ ବିବାହ ସମ୍ବନ୍ଧୀୟ କାନୁନ ଆଗତ କରିଥିଲେ । ସେ ତାଙ୍କ ଭାଷଣରେ କହିଲେ ଯେ ମୁଁ ବହୁତ ଖେଦ୍‌ର ସହିତ ଦେଖୁଛି ଯେ ଯେଉଁଭଳି ଭାବରେ ଇସ୍‌ଲାମ୍ ବିବାହ ସମ୍ବନ୍ଧୀୟ ନିୟମ କାନୁନ ତିଆରି କରି ମୁସଲମାନ ଜାତିକୁ ସୁରକ୍ଷିତ କରିଦେଇଛି, ସେହିଭଳି ନିୟମ କାନୁନ ଆମ ସମାଜରେ କେଉଁଠି ନାହିଁ ।

ଏହି ଆୟତରେ ରୁବମା ଶବ୍ଦ ବ୍ୟବହାର କରାଯାଇଅଛି । ତାହାର ଅର୍ଥ ହେଉଛି ଅନେକ ଥର । ଅର୍ଥାତ ସେହି ଲୋକମାନଙ୍କ ମନରେ ସମୁଦାୟ ଭାବରେ ଇସ୍‌ଲାମ୍ ଗ୍ରହଣ କରିବାର ଭାବନା ସୃଷ୍ଟି ହେବନାହିଁ ବରଂ ପୃଥକ ପୃଥକ ପ୍ରସଙ୍ଗରେ ସେମାନଙ୍କ ହୃଦୟରେ ଏ ଇଚ୍ଛା/ଅଭିଳାଷା ସୃଷ୍ଟି ହେବ ଯେ କାଳେ ଏ ପ୍ରସଙ୍ଗର ସମାଧାନ ଆମ ନିକଟରେ ଥାଆନ୍ତ କି । ***(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ-୫.......୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଆସିଥାନ୍ତି ଓ ପୁଣି ଚାଲିଯାଇଥାନ୍ତି ଓ ସେମାନଙ୍କର ବଂଶ ମଧ୍ୟ ନିପାତ ହୋଇଯାଇଥାଏ । କିନ୍ତୁ ସେମାନଙ୍କର କାମ କିଛି ଦିନ ପାଇଁ ମନେ ରଖାଯାଇଥାଏ । ଇତିହାସ ସେମାନଙ୍କୁ କିଛି ସମୟ ପର୍ଯ୍ୟନ୍ତ ମନେରଖେ କିନ୍ତୁ ଯେଉଁ କଥାକୁ ସବୁବେଳ ପାଇଁ ମନେରଖାଯାଇଥାଏ ସେ ହେଉଛନ୍ତି ଈଶ୍ୱର ଯିଏ ଏ ସଂସାରକୁ ସୃଷ୍ଟି କରିଛନ୍ତି, ଏ ବ୍ରହ୍ମାଣ୍ଡକୁ ସୃଷ୍ଟି କରିଛନ୍ତି, ଯିଏ ଏହା କହୁଛି ଯେ, ମୁଁ ହେଉଛି ସମସ୍ତଙ୍କର ପାଳନକର୍ତା । ଲୋକମାନଙ୍କୁ ମଧ୍ୟ ପାଳନ କରୁଅଛି, ମୁଁ ହେଉଛି ମାଲିକ । ମୁଁ ଏ ସଂସାରକୁ ସୃଷ୍ଟି କରିଛି ତେଣୁ ମାଲିକାନା ଅଧିକାର ମୋ ପାଖରେ ଅଛି । କିନ୍ତୁ ଏହା ସତ୍ୱେ ମଧ୍ୟ ମୁଁ ଅତ୍ୟାଚାରୀ ନୁହେଁ ମୁଁ ତ' ମଣିଷକୁ ପ୍ରେମ ଓ ଭଲ ପାଇବାର ଶିକ୍ଷା ଦେଇଛି । ପୁଣି ଈଶ୍ୱର କହୁଛନ୍ତି ଯେ, ମୁଁ ହେଉଛି ପ୍ରକୃତ ଠାକୁର ତେଣୁ ମୋର ଉପାସନା କର । ସୁତରାଂ ଅଲ୍ଲାଃତାଲା ହେଉଛନ୍ତି ଏପରି ସମ୍ରାଟ ଯିଏ ସବୁବେଳେ ଅଛନ୍ତି ଓ ସବୁବେଳେ ରହିବେ । ସେ ହେଉଛନ୍ତି ପାଳନକର୍ତା, ମାଲିକ ଓ ଏପରି ଠାକୁର ଯାହାଙ୍କର ଉପାସନା କରାଯାଏ । ତେଣୁ ଏ ଦୁନିଆର କୌଣସି ସମ୍ରାଟ ଏହି ସମ୍ରାଟଙ୍କ ମୁକାବିଲା କରିପାରିବ ନାହିଁ । ତେଣୁ ଆମ ସମସ୍ତଙ୍କୁ ସବୁଠାରୁ ଅଧିକା ଏହି ସମ୍ରାଟଙ୍କୁ ମନେ ରଖିବାର ଆବଶ୍ୟକ ରହିଛି । ଯମାତ୍ ଅହେମଦିୟା ଯେତେବେଳେ ମସ୍‌ଜିଦ୍ ନିର୍ମାଣ କରିଥାଏ ସେତେବେଳେ ତାହାର ଗୋଟିଏ ହିଁ ଉଦ୍ଦେଶ୍ୟ ଥାଏ ଯେ, ଏହି ବ୍ରହ୍ମାଣ୍ଡର ସୃଷ୍ଟିକର୍ତା ଈଶ୍ୱରଙ୍କୁ ଏଥିରେ ସ୍ମରଣ କରାଯାଉ । ଦୁନିଆର ସମସ୍ତ ଧର୍ମ ଏହି କଥା ପ୍ରତି ଧ୍ୟାନ ଆକର୍ଷଣ କରାଇଥାନ୍ତି ।

ଅଲ୍ଲାଃ ତାଲା ଯେବେ ଏକଥା କହୁଛି ଯେ, ମୁଁ ହେଉଛି ପାଳନକର୍ତା ସେଠାରେ ତାହାର ଏହି ବିଶେଷଗୁଣ ଏହା ଚାହିଁଥାଏ ଯେ, ଯେଉଁଠି ତୁମେମାନେ ନିଜ ନିଜର ଧ୍ୟାନ ରଖିଥାଅ ସେଠାରେ ଅନ୍ୟମାନଙ୍କ ପ୍ରତି ମଧ୍ୟ ଧ୍ୟାନ ଦିଅ । କାରଣ ପବିତ୍ର କୁର୍‌ଆନ୍‌ର ପ୍ରଥମ ସୁରାଃ ରେ ହିଁ ଅଲ୍ଲାଃ ତାଲା ନିଜକୁ ପାଳନକର୍ତା ବୋଲି ଅଭିହିତ କରିଛି ଏବଂ ରବ୍‌ବୁଲ୍ ଆଲମିନ୍ ଅର୍ଥାତ ସାରା ବ୍ରହ୍ମାଣ୍ଡର ପାଳନକର୍ତା ବୋଲି କହିଛି । ଅଲ୍ଲାଃ ତାଲା ଏ କଥା କହିଛନ୍ତି ଯେ, ମୁଁ ହେଉଛି ମୁସଲମାନମାନଙ୍କର ମଧ୍ୟ ପାଳନକର୍ତା, ଇସାଇମାନଙ୍କର ମଧ୍ୟ ପାଳନକର୍ତା, ଇହୁଦୀମାନଙ୍କର ମଧ୍ୟ ପାଳନକର୍ତା, ହିନ୍ଦୁମାନଙ୍କର ମଧ୍ୟ ପାଳନକର୍ତା ଏବଂ ସମସ୍ତ ଧର୍ମକୁ ମାନୁଥିବା ଲୋକମାନଙ୍କର ମଧ୍ୟ ମୁଁ ପାଳନକର୍ତା । ବରଂ ଯିଏ ମତେ ମାନୁନାହିଁ ମୁଁ ସେମାନଙ୍କର ମଧ୍ୟ ଲାଳନପାଳନ କରୁଅଛି । ସେହି ସାରା ବ୍ରହ୍ମାଣ୍ଡର ପାଳନକର୍ତା ଏ କଥା କହୁଛନ୍ତି ଯେ, ତୁମେମାନେ ମୋ ଉପାସନା କର । ଅତଏବ ଈଶ୍ୱରଙ୍କ ଘର ନିର୍ମାଣ କରିବାର ଉଦ୍ଦେଶ୍ୟ ହେଉଛି ଏହା କି, ସେଠାରେ ତାହାଙ୍କ ଉପାସନା କରାଯାଉ । ଯେ କୌଣସି ଧର୍ମର ଉପାସନା ପୀଠ ହୋଇଥାଉ ଉଦାହରଣ ସ୍ୱରୁପ ଚର୍ଚ୍ଚ ଏବଂ ସିନାଗଜ୍ ଇତ୍ୟାଦି, ସେ ସବୁର ନିର୍ମାଣ କରିବାର ଉଦ୍ଦେଶ୍ୟ ମଧ୍ୟ ହେଉଛି ସେହି ଗୋଟିଏ ।

ପୁଣି ଅଲ୍ଲାଃ ତାଲା ଏହା ମଧ୍ୟ ବତାଇଛନ୍ତି ଯେ, ମୁଁ ଯେହେତୁ ହେଉଛି ପାଳନ କର୍ତା ସେଥିପାଇଁ ତୁମେ ମଧ୍ୟ ମୋ ବିଶେଷଗୁଣକୁ ଆପଣାଇବା ପାଇଁ ଚେଷ୍ଟା କର ଓ ସେହି ବିଶେଷଗୁଣଗୁଡ଼ିକୁ ନିଜ ଉପରେ ଲାଗୁ କର ଓ ଲୋକମାନଙ୍କର ଅଧିକାର ମଧ୍ୟ ପ୍ରଦାନ କର । ମୁଁ ଏ ସଂସାରର ଲାଳନପାଳନ କରୁଅଛି ତେଣୁ ତୁମେମାନେ ମଧ୍ୟ ଏ ସଂସାରର ଲୋକମାନଙ୍କ ଲାଳନପାଳନ କର । ମୁଁ ଏ ସଂସାର ବାସୀଙ୍କୁ ଦେଉଅଛି ତେଣୁ ତୁମେମାନେ ମଧ୍ୟ ଅଭାବି ଲୋକମାନଙ୍କୁ ଦିଅ, ଗରୀବମାନଙ୍କର ସେବା କର ଲୋକମାନଙ୍କ ସହିତ ପ୍ରେମ ପୂର୍ଣ୍ଣ ବ୍ୟବହାର କର । ଏହା ହେଉଛି ଶିକ୍ଷା ଯାହା ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା । ଏହି ଶିକ୍ଷାକୁ ଯମାତ୍ ଅହେମଦିୟା ନିଜ ଉପରେ ଲାଗୁ କରିଥାଏ ଓ ଏହି ଶିକ୍ଷା ଉପରେ ପରିଚାଳିତ ହେବାପାଇଁ ମଧ୍ୟ ଚେଷ୍ଟା କରିଥାଏ ଏବଂ ଏହି ଶିକ୍ଷାକୁ ସାରା ଦୁନିଆରେ ପ୍ରଚାର ପ୍ରସାର କରିବା ପାଇଁ ମଧ୍ୟ ଚେଷ୍ଟା କରିଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଜମାତ୍ ଅହେମଦିୟା ହିଁ ସଠିକ୍ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ ହୋଇ ସେହି ସବୁ ଅଧିକାର ପ୍ରତି ଧ୍ୟାନ ଦେଇଥାଏ । ତେଣୁ ଏହି ସବୁ କାରଣ ଯୋଗୁଁ ଈଶ୍ୱରଙ୍କ କୃପାରୁ ଆଜି ଯମାତ୍ ଅହେମଦିୟା ପୃଥିବୀରେ ବିପତିଗସ୍ତ ଇଲାକାରେ ପହଂଚି ଲୋକ ସେବା କରୁଅଛି ଓ ଏହି ସେବା ବିନା କୌଣସି ଧର୍ମ ଓ ଜାତି ମଧ୍ୟରେ ଭେଦଭାବ ନ ରଖି କରାଯାଇଥାଏ । ଏତଦ୍ ଭିନ୍ନ ଯମାତ୍ ସ୍ଥାୟୀ ସାହାଯ୍ୟ ମଧ୍ୟ କରୁଅଛି । ଉଦାହରଣ ସ୍ୱରୁପ ସ୍କୁଲ୍ ଖୋଲି, ଲୋକମାନଙ୍କର ଜ୍ଞାନପିପାସାକୁ ପୁରଣ କରୁଅଛି । ଏଠାରେ ୟୁନିଭର୍ସିଟିର କଥା ମଧ୍ୟ କୁହାଗଲା ଯେ, ଆଖନ୍‌ରେ ଅନେକ ୟୁନିଭର୍ସିଟି ମଧ୍ୟ ରହିଛି । ବାସ୍ତବିକ ଜ୍ଞାନ ହେଉଛି ଏପରି ଏକ ଜିନିଷ ଯାହାକୁ ପ୍ରାପ୍ତ କରିବା ହେଉଛି ଏ ପୃଥିବୀର ପ୍ରତ୍ୟେକ ଲୋକଙ୍କର ହକ । ଏବଂ ଏହା ଏହି ସହରର ବଡ଼ ଉତମ କଥା ଯେ, ଏଠାରେ ଗୋଟିଏ ୟୁନିଭର୍ସିଟି ମଧ୍ୟ ରହିଛି । ସେଥିପାଇଁ ନିଶ୍ଚିତ ରୂପେ ଏଠାରେ ଜ୍ଞାନର ସ୍ତର ମଧ୍ୟ ବହୁତ ଉଚ୍ଚ ହେବ । ସେ ଯାହା ହେଉ ମୁଁ ଏକଥା କହୁଥିଲି ଯେ, ଯମାତ୍ ଅହେମଦିୟା ମାନବ ସେବା ଉଦ୍ଦେଶ୍ୟରେ ସ୍କୁଲ ଖୋଲିଥାଏ, ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଡ଼ାକ୍ତରଖାନା ଖୋଲିଥାଏ । ଆଫ୍ରିକା ମହାଦେଶର ଦୂରଦୂରାନ୍ତ ଇଲାକାରେ ମଧ୍ୟ ଆମ ଡ଼ାକ୍ତରଖାନା ଏବଂ ସ୍କୁଲ୍ ଜାରି ରହିଛି ।

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

# ଜରୁରୀ ଘୋଷଣା

## ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ପ୍ରାୟ ସାଢ଼େ ଦଶ ବର୍ଷ ଥିଲା ।..... ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ଜଣାଯାଇଥିବା ଇଲାକାର ମୋଟ କ୍ଷେତ୍ରଫଳର ଆୟତନ ଥିଲା ବାଇଶି ଲକ୍ଷ ଏକାବନ ହଜାର ତିରିଶି ବର୍ଗ ମାଇଲ ।

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ଯେଉଁ କଥା ବହୁତ ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହୁଏ ତାହା ଏହା ଥିଲା କି ହଜ୍‌ରତ୍ ଉମର୍ ର:ଅ ନିଜର ସମସ୍ତ କାର୍ଯ୍ୟବ୍ୟସ୍ତତା ସତ୍ୱେ ମଧ୍ୟ ଯେପରି ପ୍ରତ୍ୟେକ ବିଜୟର ମୁହୂର୍ତରେ ମୁସଲମାନମାନଙ୍କ ସେନାରେ ଉପସ୍ଥିତ ଥିଲେ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଣଗାରିମାର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା

ନମାରିକ୍ ଯୁଦ୍ଧ, କସ୍‌କର୍ ଯୁଦ୍ଧ, ସକାତିୟା ଯୁଦ୍ଧ, ବାରୁସମା ଯୁଦ୍ଧ ଏବଂ ଯସର୍ ଯୁଦ୍ଧରେ ଘଟିଥିବା ଘଟଣାବଳୀର ସଂକ୍ଷିପ୍ତ ଚର୍ଚ୍ଚା ।

ଚାରିଜଣ ମର୍‌ହୁମୀନ୍:- ମୋକରମ ଫତ୍‌ହି ଅବ୍‌ଦୁସ୍ ସଲାମ୍ ମୁବାରକ୍ ସାହେବ, ମୋକରମା ରଜିୟା ବେଗମ୍ ସାହିବା ପତ୍ନୀ ଖଲିଲ୍ ଅହ୍‌ମଦ୍ ସାହେବ୍ ମୁବଶିର୍ ପୂର୍ବତନ ମୁବଲ୍ଲିଗ୍ ଇନ୍‌ଚାର୍ଜ କାନାଡ଼ା ଓ ସିରିଆଲୋନ୍, ମୋକରମା ସାଇରା ସୁଲ୍‌ତାନ୍ ସାହିବା ପତ୍ନୀ ଡ଼ାକ୍ତର ସୁଲ୍‌ତାନ୍ ମୁବଶିର୍ ସାହେବ ଏବଂ ମୋକରମା ଗସୁନୁଲ୍ ମାଜମାନୀ ସାହିବାଙ୍କ ଗୁଣ ଗାରିମାର ବର୍ଣ୍ଣନା ଏବଂ ନମାଜ ଯନାଜାଃ ଗାଏବ ପାଠ ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
(ପ୍ରଦତ୍: ୧୬ ଜୁଲାଇ ୨୦୨୧ ଅନୁଯାୟୀ ୧୬ ୱଫା ୧୪୦୦ ହିଜ୍‌ରି ଶମ୍‌ସି)

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطَانِ الرَّجِيمِ- بِسْمِ اللّٰهِ الرَّحْمٰنِ الرَّحِيمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଅଭ୍ୟାହତ ରହିଛି । ସେହି କ୍ରମରେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍‌ର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ଆପଣ ର:ଅଙ୍କ ଖିଲାଫତ୍ କାଳ ୧୩ ହିଜ୍‌ରୀରୁ ନେଇ ୨୩ ହିଜ୍‌ରୀ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଦଶବର୍ଷ କାଳ ବ୍ୟାପି ରହିଥିଲା । ସେହି ଅବଧିରେ ଆପଣଙ୍କ ବିଜୟର ଗାଥା ସମ୍ପର୍କରେ ହଜ୍‌ରତ୍ ସିବ୍‌ଲି ନୁମାନୀ ଉଲ୍ଲେଖ କରିଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଅଧିକୃତ ଅଂଚଳର ମୋଟ ଆୟତନ ୨୨ଲକ୍ଷ ୫୧ ହଜାର ୩୦ ବର୍ଗ ମାଇଲ ଥିଲା । ସେହି ଅଧିକୃତ ଅଂଚଳ ମଧ୍ୟରେ, ସିରିଆ, ମିଶର, ଇରାକ, ଇରାନ୍, ଖୁଜିସ୍ତାନ, ଆର୍ମେନିଆ, ଅଜର୍‌ବାଇଜାନ୍, ପାରସ୍ୟ, କିର୍ମାନ୍ ଖରାସାନ୍ ଏବଂ ମକ୍‌ରାନ୍ ସେଥିରେ ବଲୁଚିସ୍ତାନର କିଛି ଅଂଶ ମଧ୍ୟ ସାମିଲ ରହିଥିଲା । ***(ଅଲ୍‌ଫାରୁକ୍ ପୃ-୧୫୯, ପ୍ରକାଶକ ଇଦାରାଃ ଇସ୍‌ଲାମିୟାତ୍ ୨୦୦୪)*** ଇସ୍‌ଲାମୀୟ ଯୁଦ୍ଧ ଓ ବିଜୟର ପ୍ରର୍ଯାୟକ୍ରମ ଓ ଧାରା ହଜ୍‌ରତ୍ ଅବୁବକର ର:ଅଙ୍କ ସମୟ କାଳରୁ ଆରମ୍ଭ ହୋଇଯାଇଥିଲା । ଆପଣଙ୍କ ସମୟରେ (ଅର୍ଥାତ ହଜ୍‌ରତ୍ ଅବୁବକ ର ର:ଅଙ୍କ ସମୟରେ) ସିରିୟା ଓ ଇରାକରେ ଇସ୍‌ଲାମୀୟ ସେନା ଏକ ସମୟରେ ଅନେକ ଶତୃଙ୍କ ମୁକାବିଲାରେ ଯୁଦ୍ଧରେ ବ୍ୟସ୍ତ ରହିଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ମଧ୍ୟ ସମାନ ଅବସ୍ଥା ଅଭ୍ୟାହତ ରହିଥିଲା କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ଗୋଟିଏ ପ୍ରସଙ୍ଗ ବେଶ୍ ପ୍ରସ୍ଫୁଟିତ ହୋଇ ଦୃଶ୍ୟମାନ ହୋଇଥାଏ ତାହା ଏହି କି ଯେ, ହଜ୍‌ରତ୍ ଉମର୍ ର:ଅ ନିଜର ସମସ୍ତ କାର୍ଯ୍ୟ ବ୍ୟସ୍ତତା ସତ୍ୱେ ମଧ୍ୟ ଯେମିତି ପ୍ରତ୍ୟେକ ବିଜୟ ସମୟରେ ମୁସଲମାନମାନଙ୍କ ମଧ୍ୟରେ ଉପସ୍ଥିତ ରହିଥିଲେ । ଯଦିଓ ସେ ନିୟମିତ ଯୁଦ୍ଧରେ ଅଂଶଗ୍ରହଣ କରୁନଥିଲେ ତଥାପି ସେ ମଦିନାରେ ହିଁ ରହି ମୁସଲମାନ ସେନାପତିମାନଙ୍କୁ ନିର୍ଦ୍ଦେଶ ପ୍ରେରଣ କରୁଥିଲେ ଏବଂ ଦୈନିକ ସେମାନଙ୍କ ସହିତ ପତ୍ରଲିଖନ ଜାରି ରହୁଥିଲା । ହଜ୍‌ରତ୍ ଉମର୍ ର:ଅ ମଦିନାରେ ବସି ମୁସଲମାନମାନଙ୍କୁ ନିଜର ସୈନ୍ୟବାହିନୀଙ୍କୁ ଶୃଙ୍ଖଳିତ କରିବାପାଇଁ ନିର୍ଦ୍ଦେଶ ଦେଉଥିଲେ ଏବଂ ସେମାନଙ୍କୁ ସେହି ଅଂଚଳ ସମ୍ପର୍କରେ ଏଭଳି ଧାରଣା ତଥା ନିର୍ଦ୍ଦେଶ ଦେଉଥିଲେ ଯେପରି ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ସେହି ଅଂଚଳଗୁଡ଼ିକର ନକ୍‌ସା ଉପସ୍ଥିତ ଥିଲା ଅର୍ଥାତ ଉକ୍ତ ଅଂଚଳଗୁଡ଼ିକ ଆପଣଙ୍କ ନିକଟରେ ପ୍ରତିୟମାନ ରହିଥିଲା । ଇମାମ୍ ସହି ବୁଖାରୀରେ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ, **ୱ କାଲା ଉମରୁ ରଜିୟଲ୍ଲାହୁ ଅନ୍‌ହୁ ଇନ୍ନି ଲଉ ଜହ୍‌ହିଜୁ ଜୈଶି ୱ ଅନା ଫିସ୍ ସଲାତି *(ସହି ବୁଖାରୀ କିତାବୁଲ୍ ଅମଲ୍ ଫିସ୍ ସଲାତି..... ଫିସ୍ ସଲାତି)*** ହଜ୍‌ରତ୍ ଉମର୍ ର:ଅ କହିଲେ, ମୁଁ ନିଜର ସୈନ୍ୟବାହିନୀ ପ୍ରସ୍ତୁତ କରିଥାଏ ଯେବେ କି ମୁଁ ସେତେବେଳେ ନମାଜ ଅବସ୍ଥାରେ ଥାଏ ଅର୍ଥାତ ମୁଁ ନମାଜ ସମୟରେ ମଧ୍ୟ ଇସ୍‌ଲାମୀୟ ସେନା ପାଇଁ ଯୋଜନା ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଥାଏ । ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ଏତେମାତ୍ରାରେ ଚିନ୍ତିତ ରହୁଥିଲେ ଯେ ନମାଜ ପଢ଼ିବା ସମୟରେ ବି ଇସ୍‌ଲାମୀୟ ସେନାର ଯୋଜନା ଓ ପ୍ଲାନିଂ କାମ ଜାରି ରହୁଥିଲା । ସେତେବେଳେ ଦୁଆ ମଧ୍ୟ କରୁଥିବେ । ଏହା ହିଁ ସେହି କାରଣ ଯାହାକି ଆମକୁ ପ୍ରତ୍ୟେକ ସ୍ଥଳେ ଦେଖିବାକୁ ମିଳିଥାଏ ଯେ ହଜ୍‌ରତ୍ ଉମର୍ ର:ଅଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ପାଳନ କରି ମୁସଲମାନମାନେ କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପା ଓ କରୁଣା ଦ୍ୱାରା ବିଜୟ ଲାଭ କରିଥିଲେ ।

ସୟଦ୍ ମୀର୍ ମେହମୁଦ୍ ସାହେବ୍ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଯୁଗ ଉପରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି । ସେହି ପ୍ରବନ୍ଧରୁ ବି ଆମର ଏହି ନୋଟ ପ୍ରସ୍ତୁତ କରୁଥିବା ସଦସ୍ୟମାନେ ସାହାଯ୍ୟ ନେଇଛନ୍ତି । ରିସର୍ଚ୍ଚ ସେଲ୍ ସେଥିରୁ କିଛି ନୋଟ୍ ନେଇଛନ୍ତି । କିନ୍ତୁ ସେହି ନୋଟ୍ ଗୁଡ଼ିକୁ ଅସଲ ସ୍ରୋତ ସହିତ ମଧ୍ୟ ଚେକ୍ କରାଯାଇଅଛି ଏବଂ ତାହା ଠିକ୍ ଅଛି । ସୟଦ୍ ମୀର୍ ମେହମୁଦ୍ ସାହେବ୍ ଫୁତୁହାତେ ଇରାନ୍ ଓ ଇରାକ୍ ଅର୍ଥାତ ଇରାନ୍ ଓ ଇରାକ ବିଜୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ, ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ କାଳରେ ପାରସ୍ୟବାସୀଙ୍କ ସହିତ ଯୁଦ୍ଧ ଜାରି ଥିଲା । ଏହି ସମୟରେ ହଜ୍‌ରତ୍ ଅବୁବକର ର:ଅ ବେମାର ହୋଇଗଲେ । ସେଥିଯୋଗୁଁ ଇସ୍‌ଲାମୀୟ ସେନାଙ୍କୁ ବାର୍ତା ପହଂଚିବାରେ ବିଳମ୍ବ ହେଉଥିଲା ତେଣୁ ହଜ୍‌ରତ୍ ମୁସନ୍ନା ର:ଅ ଇସ୍‌ଲାମୀୟ ସେନାରେ ନିଜର ଜଣେ ନାଏବ (ଉପସେନାଧକ୍ଷ)ଙ୍କୁ ନିୟୋଜିତ କରି ନିଜେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ସେବାରେ ହାଜର ହେଲେ । ଯଦ୍ୱାରା ହଜ୍‌ରତ୍ ଅବୁବକର ର:ଅଙ୍କୁ ଯୁଦ୍ଧର ସ୍ଥିତି ନେବା ପାଁ ନିବେଦନ କରିବେ । ଅତଏବ ହଜ୍‌ରତ୍ ମୁସନ୍ନା ର:ଅ ମଦିନାରେ ପହଂଚିଲେ ଏବଂ ହଜ୍‌ରତ୍ ଅବୁ ବକର ର:ଅଙ୍କୁ ସମସ୍ତ ଘଟଣା ଓ ସ୍ଥିତି ସମ୍ବନ୍ଧରେ ଅବଗତ କରାଇଲେ । ତାଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ଡ଼କାଇଲେ ଏବଂ ୱସିୟତ କଲେ ଯେ , ହେ ଉମର୍ ! ମୁଁ ଯାହା କିଛି କହୁଛି ତାହା ମନେ ଦେଇ ଶୁଣନ୍ତୁ ଓ ତା' ଉପରେ ପରିଚାଳିତ ମଧ୍ୟ ହେବ । ଆଜି ସୋମବାର । ମୁଁ ଆଶା କରୁଛି ଯେ ଆଜି ମୋର ମୃତ୍ୟୁ ହୋଇଯିବ । ଯଦି ମୁଁ ମରିଯାଏ ତା'ହେଲେ ସଂନ୍ଧ୍ୟା ହେବା ପୂର୍ବରୁ ଲୋକମାନଙ୍କୁ ଜିହାଦ୍ (ଅର୍ଥାତ ଧର୍ମ ଯୁଦ୍ଧ) ପାଇଁ ପ୍ରୋତ୍ସାହିତ କରି ମୁସନ୍ନା ର:ଅଙ୍କ ସହିତ ପଠାଇଦେବ । ଯଦି ମୋର ମୃତ୍ୟୁ ରାତି ପର୍ଯ୍ୟନ୍ତ ଟଳିଯାଏ, ତା'ହେଲେ ସକାଳ ହେବା ପୂର୍ବରୁ ମୁସଲମାନମାନଙ୍କୁ ଏକାଠି କରି ମୁସନ୍ନାଙ୍କ ସହିତ ପଠାଇଦେବ । ମୋ ମୃତ୍ୟୁ ହେବାର ଯେତେ ଦୁଃଖ କଷ୍ଟ ହେଉ ନା କାହିଁକି, ତାହା ତୁମକୁ ଧର୍ମ ନିର୍ଦ୍ଦେଶାବଳୀ ଓ ଅଲ୍ଲାଃ ତାଲାଙ୍କ ଆଦେଶକୁ ପାଳନ କରିବାରେ କଦାପି ପ୍ରତିବନ୍ଧକ ହେବାକୁ ଦେବ ନାହିଁ । ତୁମେ ଏହା ଦେଖି ସାରିଛ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ସମୟରେ ମୁଁ କ'ଣ କରିଥିଲି । ଯେବେ କି ଲୋକମାନଙ୍କୁ ଏପରି ବିପତିର ସମ୍ମୁଖିନ କେବେ ବି ହେବାକୁ ପଡ଼ିନଥିଲା । ଅଲ୍ଲାଃଙ୍କ ସୌଗନ୍ଧ ! ଯଦି ମୁଁ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଦେଶକୁ ପାଳନ କରିବାରେ ଟିକିଏ ବି ବିଳମ୍ବ କରିଥାନ୍ତି, ତା'ହେଲେ ଅଲ୍ଲାଃ ଆମମାନଙ୍କୁ ଅପମାନିତ କରି ତଳିତଳାନ୍ତ କରିଦେଇଥାନ୍ତେ । ଆମକୁ ଦଣ୍ଡ ଦେଇଥାନ୍ତେ ଓ ମଦିନାରେ ନିଆଁ ଜଳିଥାନ୍ତା । ଅତଏବ୍ ହଜ୍‌ରତ୍ ଅବୁବକର ର:ଅଙ୍କ ଦେହାନ୍ତ ପରେ ହଜ୍‌ରତ୍ ଉମର ର:ଅ ଖିଲାଫତ୍‌ର ଦାୟିତ୍ୱରେ ରହିବା କ୍ଷଣି ହଜ୍‌ରତ୍ ଅବୁବୁକରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରି ତା' ପରଦିନ ଲୋକମାନଙ୍କୁ ଏକାଠି କଲେ ଖିଲାଫତ୍‌ର ବୟତ କରିବା ପାଇଁ ଚାରିଆଡୁ ବହୁ ସଂଖ୍ୟାରେ ଲୋକମାନେ

ଆସିଥିଲେ । ତିନିଦିନ ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗି ରହିଲା । ହଜ୍‌ରତ୍ ଉମର ର:ଅ ଏହି ଅବସରକୁ ଉତମ ସୁଯୋଗ ରୂପେ ବିବେଚନା କରି ଲୋକମାନଙ୍କୁ ଜିହାଦ୍ (ଧର୍ମଯୁଦ୍ଧ) କରିବାପାଇଁ ଉପଦେଶ ଦେଲେ । ଜିହାଦ୍ ନିମନ୍ତେ ଉତ୍ସାହିତ କରିଥିଲେ କିନ୍ତୁ ଲୋକମାନେ ଇରାନ୍‌ର ଆଧିପତ୍ୟ ଓ ଆତଙ୍କ ଯୋଗୁଁ ଭୟଭୀତ ଥିଲେ । ଲୋକମାନଙ୍କର ଅର୍ଥାତ ମୁସଲମାନମାନଙ୍କର ଏହି ଧାରଣ ରହିଥିଲା ଯେ, ଇରାକ୍ ଭୂମିକୁ ଜୟ କରିବା ହଜ୍‌ରତ୍ ଖାଲିଦ୍ ର:ଅଙ୍କ ବ୍ୟତିତ ସମ୍ଭବପର ନୁହେଁ ତେଣୁ ସେମାନେ ସମସ୍ତେ ନିରବ ରହିଲେ । କିନ୍ତୁ ଚତୁର୍ଥ ଦିନ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ନିଜର ଭବ୍ୟ ଅଭିଭାଷଣ ମୁସଲମାନମାନଙ୍କୁ ଅନୁପ୍ରାଣିତ କରିବାପାଇଁ ଉପସ୍ଥାପନ କଲେ ସେମାନଙ୍କ ହୃଦୟ ସେତେବେଳେ ଆନ୍ଦୋଳିତ ହୋଇ ଉଠିଥିଲା ଏବଂ ସେମାନଙ୍କ ମଧ୍ୟରୁ ଅବୁ ଉବୈଦାଃ ବିନ୍ ମସ୍‌ଉଦ୍ ସକ୍‌ଫି ଆଗକୁ ବଢ଼ି ଆନା ଲିହାଜା ଅର୍ଥାତ ମୁଁ ଉପସ୍ଥିତ ଅଛିର ନାରା ଲଗାଇଥିଲେ ଏବଂ ଜେହାଦ ପାଇଁ ନିଜ ନାମ ପେଶ୍ କରିଥିଲେ । ତାଙ୍କ ପରେ ହଜ୍‌ରତ୍ ସାଆଦ୍ ବିନ୍ ଉବୈଦ୍ ର:ଅ ଏବଂ ସଲିତ୍ ବିନ୍ କୈସ୍ ଆଗକୁ ବଢ଼ିଥିଲେ ଓ ନିଜର ନାମକୁ ଜିହାଦ୍ କରିବା ପାଇଁ ପେଶ୍ କଲେ । ଏମାନଙ୍କୁ ଦେଖି ମୁସଲମାନମାନଙ୍କ ରକ୍ତ ଉତେଜିତ ହୋଇ ଉନ୍ମାଦ ମାରିଥିଲା ଯଦ୍ୱାରା ସେମାନେ ଜେହାଦ୍ ପାଇଁ ଏକାଥରକେ ଆଗେଇ ଆସିଥିଲେ ଏବଂ ଇରାକ୍‌ରେ ଯୁଦ୍ଧ କରିବା ପାଇଁ ନିଜ ନିଜର ନାମକୁ ପେଶ୍ କଲେ । ଏହା ପୂର୍ବରୁ ଇରାକ୍‌ରେ ମୃତୟନ ଥିବା ଇସ୍‌ଲାମୀୟ ସେନାର ନେତୃତ୍ୱ ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କ ହାତରେ ନ୍ୟସ୍ତ ଥିଲା । କିନ୍ତୁ ହଜ୍‌ରତ୍ ଅବୁବକର୍ ର:ଅ ନିଜର ଶେଷ ଅବସ୍ଥାରେ ସିରିଆ ଯୁଦ୍ଧର ଗୁରୁତ୍ୱକୁ ଆଖି ଆଗରେ ରଖି ତାଙ୍କୁ ସିରିଆ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏବେ ଇରାକ୍‌ରେ ଇସ୍‌ଲାମୀୟ ସେନାର ନେତୃତ୍ୱ ହଜ୍‌ରତ୍ ମୁସନ୍ନା ବିନ୍ ହାରିସା ନେଉଥିଲେ ଏବଂ ଏବେ ସେ ମଦିନା ଆସିଥିଲେ । ସେହି ସ୍ଥଳେ ହଜ୍‌ରତ୍ ମୁସ୍‌ନା ମଧ ଉପସ୍ଥିତ ଥିଲେ ସେ ମଧ ଏକ ଉତ୍ସାହ ପୂର୍ଣ୍ଣ ଭାଷଣ ଉପସ୍ଥାପନ କରି କହିଲେ, ହେ ଲୋକମାନେ ! ଏହି ଅଭିଯାନକୁ ଅତ୍ୟନ୍ତ କଠିନ ଓ କଷ୍ଟକର ମଣୁନାହିଁ । ଆମେ ପାରସ୍ୟମାନଙ୍କ ସହିତ ଯୁଦ୍ଧ କଲୁ ଏବଂ ସେମାନଙ୍କୁ ପରାଜିତ କଲୁ ଏବଂ ଇନ୍‌ଶାଅଲ୍ଲାଃ ତାଲା ଇରାକୀୟମାନଙ୍କୁ ମଧ ପରାସ୍ତ କରିଦେବୁ । ବର୍ତମାନ ମଦିନା ଓ ତାହାର ଆଖପାଖ ଅଂଚଳରୁ ମୁସଲମାନମାନେ ଇରାକୀୟମାନଙ୍କ ମୁକାବିଲା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ । ତିବ୍‌ରୀ ଓ ବଲାଜରୀ ଏହି ସୈନ୍ୟବାହିନୀର ସଂଖ୍ୟା ଏକହଜାର ଦର୍ଶାଇଛନ୍ତି । ଅର୍ଥାତ ସେତେବେଳେ ଏକହଜାର ସୈନିକ ଜିହାଦ୍ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । କିନ୍ତୁ ଅଖ୍‌ବାରୁଲ୍ ତୱାଲ୍‌ର ଲେଖକ ଅଲାମା ଅବୁ ହନିଫା ତାହା ପାଂଚ ହଜାର ଦର୍ଶାଇଛନ୍ତି । ମନେ ହେଉଛି ମଦିନାରୁ ଯାତ୍ରା ଆରମ୍ଭ କରିବା ସମୟରେ ସେମାନଙ୍କ ସଂଖ୍ୟା ଏକହଜାର ଥିଲା କିନ୍ତୁ ନିଜ ଲକ୍ଷ୍ୟସ୍ଥଳରେ ପହଂଚିଲା ବେଳକୁ ତାହା ପାଂଚହଜାର ପାଲଟି ଯାଇଥିଲା କାରଣ ଅବୁ ହନିଫା ଏବଂ ଦୀନୱରୀ ଏହାକୁ ବ୍ୟାଖ୍ୟାରେ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ସେନାବାହିନୀର ଅମୀର୍ ଆରବର ଯେଉଁ କବିଲା ନିକଟ ଦେଇଯାଉଥିଲେ ସେଠାକାର ବାସିନ୍ଦାଙ୍କୁ ଜିହାଦ୍ ପାଇଁ ଆହ୍ୱାନ ଦେଇ ନିଜ ସହିତ ସାମିଲ କରିଦେଉଥିଲେ । ବର୍ତମାନ ପ୍ରଶ୍ନ ଉଠୁଛି ଯେ, ଉକ୍ତ ସୈନ୍ୟବାହିନୀରେ ଅମୀର ଅର୍ଥାତ ସେନାଧକ୍ଷ କିଏ ଥିଲେ ? ଯଦିଓ ହଜ୍‌ରତ୍ ମୁସନ୍ନା ର:ଅ ଥିଲେ କିନ୍ତୁ ଯେଉଁ ଦୁଆ ସୈନ୍ୟଦଳ ପ୍ରସ୍ତୁତ ହେଉଥିଲା ତାହାର ଅମୀର କିଏ ଥିଲେ ? ହଜ୍‌ରତ୍ ଉମର୍ ର:ଅ ଅବୁ ଉବୈଦା ସକ୍‌ଫିଙ୍କୁ ସେନାଧକ୍ଷ କରି ପ୍ରେରଣ କରିଥିଲେ କିନ୍ତୁ କେତେକ ପ୍ରାରମ୍ଭିକ ମୁସଲମାନ ସାହାବି ଓ ଅନ୍‌ସାରମାନେ ଯେ ନିଜ ରକ୍ତ ଦେଇ ଇସ୍‌ଲାମ୍‌ର ସିଂଚନ କରିଥିଲେ ସେମାନଙ୍କ ମନ ଭିତରେ ଏକ ପ୍ରଶ୍ନ ଉଠିଥିଲା ଯେ ହଜ୍‌ରତ୍ ଉମର୍ ର:ଅ ଜଣେ ଏପରି ବ୍ୟକ୍ତିଙ୍କୁ ସେନାଧକ୍ଷ କରିଥିଲେ ଯିଏ ପରବର୍ତୀ ସମୟରେ ମୁସଲମାନ ହୋଇଥିଲେ । ହଜ୍‌ରତ୍ ଉମର୍ ର:ଅ କହିଲେ ଯଦି ସାହାବାଙ୍କୁ କିଛି ବିଶେଷତା ଲାଭ ହୋଇଛି ତେବେ ତାହା ଏଥିପାଇଁ ଯେ ସେମାନେ ଇସ୍‌ଲାମ୍‌ର ସେବା କରିବାରେ ସର୍ବଦା ପ୍ରଥମ ଧାଡ଼ିରେ ରହିଥିଲେ । କିନ୍ତୁ ବର୍ତମାନ ଏହି ଅବସରରେ ସେମାନେ ପଛରେ ରହିଯାଇଛନ୍ତି ଓ ନିଜର ସେହି ଅଧିକାରକୁ ହରାଇ ବସିଛନ୍ତି ତେଣୁ ବର୍ତମାନ ଯିଏ ଇସ୍‌ଲାମ୍‌ର ସୁରକ୍ଷା ପାଇଁ ସର୍ବପ୍ରଥମେ ଆଗକୁ ବଢ଼ିବ ସେ ହିଁ ଅମୀର ହେବାର ଅଧିକାରୀ ସାବ୍ୟସ୍ତ ହେବ । ଏହି ଆହ୍ୱାନରେ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କ ପରେ ସାଆଦ୍ ବିନ୍ ଉବୈଦ୍ ଏବଂ ସଲିତ୍ ବିନ୍ କୈସ୍ ଇରାକି ସୈନ୍ୟଦଳରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବା ସମୟରେ ହଜ୍‌ରତ୍ ଉମରଙ୍କ କଥାରେ ଅନୁପ୍ରାଣିତ ହୋଇ ଉପସ୍ଥିତ ହୋଇଥିଲେ । ହଜ୍‌ରତ୍ ଉମର୍ ର:ଅ ଏହି ଦୁଇଜଣଙ୍କୁ ସମ୍ବୋଧନ କରି କହିଲେ ଯେ ଯଦି ତୁମେ ମୋ କଥାରେ ଅନୁପ୍ରାଣିତ ହୋଇ ସମସ୍ତଙ୍କଠାରୁ ଆଗକୁ ବଢ଼ି ପ୍ରଥମେ ଏହାକୁ ଗ୍ରହଣ କରିଥାନ୍ତ ତା'ହେଲେ ଇସ୍‌ଲାମ୍ ଗ୍ରହଣ କରିବାରେ ଆଗୁଆ ରହିଥିବା ଯୋଗୁଁ ମୁଁ ତୁମକୁ ଏହି ନେତୃତ୍ୱ ଦେଇଥାନ୍ତି । ଯଦିଓ ସଲିତ୍ ବିନ୍ କୈସ୍‌ଙ୍କ ଉପରେ ଅବୁ ଉବୈଦାଙ୍କୁ ଅଗ୍ରାଧିକାର ଦେଇ ଏକଥା ପ୍ରକାଶ କରିଥିଲେ ଯେ ଏହି କାମ ପାଇଁ ଜଣେ ଧିରସ୍ଥିର ଲୋକର ଆବଶ୍ୟକତା ରହିଛି ଯିଏ ଧୈର୍ଯ୍ୟର ସହିତ ବହୁତ ଚିନ୍ତା ବିଚାର କରି ଯୁଦ୍ଧ ଲଢ଼ିବା ପାଇଁ ପଦକ୍ଷେପ ନେବ । କିନ୍ତୁ ସଲିତ୍ ବିନ୍ କୈସ୍ ସୈନିକ ଅଗ୍ରଗତି ସମ୍ବନ୍ଧରେ ଅର୍ଥାତ ସୈନ୍ୟଚାଳନା କ୍ଷେତ୍ରରେ ବହୁତ ଶିଘ୍ରତା ଅବଲମ୍ବନ କଲେ । ଯଦିଚ ହଜ୍‌ରତ୍ ଉମର୍ ର:ଅ ସମ୍ମାନ ଦୃଷ୍ଟି କୋଣରୁ ଅବୁ ଉବୈଦାଃ ର:ଅଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ପ୍ରଦାନ କରିଥିଲେ କିନ୍ତୁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସମ୍ମାନନୀୟ ସାହାବାମାନଙ୍କର ପୁରୁଣା ଅନୁଭବ ଓ ପୁରୁଣା ସେବା କାର୍ଯ୍ୟକୁ ଅଣଦେଖା କରିଦେବାକୁ ଉଚିତ ମଣିଲେ ନାହିଁ । ତେଣୁ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁ ଉବୈଦାଙ୍କୁ ନିର୍ଦ୍ଦେଶ ଦେଲେ ଯେ, ସାହାବାଙ୍କ ପରାମର୍ଶରୁ ମଧ ଉପକୃତ ହେବ ଏବଂ ବ୍ୟବସ୍ଥା କ୍ଷେତ୍ରରେ ସେମାନଙ୍କଠାରୁ ରାୟ ନେବ । ଏ ସମସ୍ତ ଘଟଣା ଚକ୍ର ବିଭିନ୍ନ ଇତିହାସ ପୁସ୍ତକରୁ ସଂଗ୍ରହ କରାଯାଇଛି । ତାରିଖେ ତିବ୍‌ରୀରେ ଏହି ସମସ୍ତ ଘଟଣାବଳୀ ଉଲ୍ଲେଖ ରହିଛି । ସେଥିରୁ ଏହି କଥା ଉଦ୍ଧୃତ କରାଗଲା । ***(ତାରିଖେ ଇସ୍‌ଲାମ୍...... ସୟଦ୍ ମୀର୍ ମେହ୍‌ମୁଦ୍ ଅହ୍‌ମଦ୍ ନାସିର୍ ସାହେବ, ପୃ-୭-୯) (ତାରିଖେ ତିବ୍‌ରୀ, ଖଣ୍ଡ-୨, ଭାଗ-୨, ପୃ-୧୯୪.....କରାଚି ୨୦୦୪) (ତାରିଖେ ତିବ୍‌ରୀ, ଖଣ୍ଡ-୨, ଭାଗ-୨, ପୃ-୩୩୪, ୩୬୦-୩୬୧.....ବେରୁତ ୨୦୧୨) (ଅଖ୍‌ବାରୁଲ୍ ତୱାଲ୍.... ପୃ-୧୬୫-୧୬୬,.....ବେରୁତ ୨୦୦୧) (ଫତୁହୁଲ୍ ବୁଲ୍‌ଦାନ୍, ପୃ-୩୫୦ ବେରୁତ ୧୯୮୭) (ସିରତ ଅମୀରୁଲ୍ ମୁମିନିନ୍..... ପୃ-୩୫୩,୩୫୪...... ବେରୁତ ୨୦୦୭) (ଅଲ୍‌ଫାରୁକ୍..... ପୃ-୭୮,୭୯....୨୦୦୪)***

୧୩ ହିଜ୍‌ରୀରେ ଏକ ଯୁଦ୍ଧ ହୋଇଥିଲା ଯାହାକୁ ନମାରିକ ଯୁଦ୍ଧ ଓ କସ୍‌କର୍ ଯୁଦ୍ଧ କୁହାଯାଏ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ସୈନ୍ୟଦଳ ନେଇ ଯିବା ପୂର୍ବରୁ ହଜ୍‌ରତ୍ ମୁସନ୍ନା ହିରାଃ ଲେଉଟି ଗଲେ (ହିରାଃ ଇରାକ ଦେଶର ପୁରାତନ ଆରବୀୟ ରାଜତ୍ୱର ସିଂହାସନ ଥିଲା ଏବଂ ଫରାତର ପଶ୍ଚିମରେ ତାହା ସେହି ସ୍ଥାନରେ ଅବସ୍ଥିତ ଥିଲା ଯେଉଁ ସ୍ଥାନରେ ପରେ କୁଫା ସହର ନିର୍ମାଣ ହୋଇଥିଲା) । ହଜ୍‌ରତ୍ ମୁସନ୍ନା ନିଜ ସୈନ୍ୟଦଳର ନେତୃତ୍ୱ ସମ୍ଭାଳି ନେଲେ । କିନ୍ତୁ ଶିଘ୍ର ହିଁ ଏପରି ପରିସ୍ଥିତି ସୃଷ୍ଟି ହୋଇଗଲା ଯେ ହଜ୍‌ରତ୍ ମୁସନ୍ନାଙ୍କୁ ନିଜ ସୈନିକ ସମେତ ପଛକୁ ହଟିବାକୁ ପଡ଼ିଲା । ଏହାର ବିସ୍ତୃତ ବିବରଣୀ ଏହିପରି ଅଟେ । ଇରାନୀୟ ଦରବାର ନିଜର ଅମୀର ଓ ମୁଖିଆମାନଙ୍କ ପାରସ୍ପରିକ ମତଭେଦର ପୀଠସ୍ଥଳୀ ପାଲଟି ଯାଇଥିଲା ଏହିପରି ପରିସ୍ଥିତିରେ ରୁସ୍ତମ ରୂପେରେ ଏକ ନୂତନ ବ୍ୟକ୍ତିତ୍ୱର ଅଭିଦ୍ୱୟ ଘଟିଲା ଯିଏ ଖରାସାନ୍‌ର ଗଭର୍ଣ୍ଣର ଫର୍‌ରୁଖ୍ ଜାଦ୍‌ର ପୁତ୍ର ଥିଲା । ଏହି ବ୍ୟକ୍ତି ଖୁବ୍ ଶିଘ୍ର ଇରାନୀୟ ଦରବାରର ପକ୍ଷରୁ କଳା ଅର୍ଥାତ ନିଗ୍ରୋ ଏବଂ ଧଳାମାନଙ୍କ ମାଲିକ ସାଜି ଥିଲା । ରୁସ୍ତମ ଜଣେ ସାହାସି ଓ ସୁନ୍ଦର ଯୋଜନାକାରୀ ବ୍ୟକ୍ତି ଥିଲା । ସେ ମୁସଲମାନମାନଙ୍କର ଅଧିକୃତ ଅଂଚଳରେ ନିଜର କର୍ମଚାରୀମାନଙ୍କୁ ନିୟୋଜିତ କରି ବିଦ୍ରୋହ ସୃଷ୍ଟି କରିଥିଲା । ବିଦ୍ରୋହର ସୂତ୍ରପାତ କରିଥିଲା ଏବଂ ହଜ୍‌ରତ୍ ମୁସ୍‌ନାଙ୍କ ବିରୁଦ୍ଧରେ ଏକ ସୈନ୍ୟବାହିନୀ ପ୍ରେରଣ କରିଥିଲା । ଏହି ପରିସ୍ଥିତିରେ ହଜ୍‌ରତ୍ ମୁସ୍‌ନା ପଛକୁ ଘୁଂଚି ଯିବା ଉଚିତ ବୋଲି ମଣିଥିଲେ ଏବଂ ଖଫ୍‌ଫାନ୍ ରେ ଯାଇ ରହିଲେ । (ଖଫ୍‌ଫାନ୍ କୁଫା ନିକଟବର୍ତୀ ଏକ ସ୍ଥାନ) ଅନ୍ୟପଟରେ ରୁସ୍ତମ ନିଜର ଅଗ୍ରସରତା ଜାରି ରଖିଥିଲା ଏକ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କରି ଦୁଇଟି ଭିନ୍ନ ଭିନ୍ନ ମାର୍ଗରେ ସେ ମୁସଲମାନମାନଙ୍କ ବିପକ୍ଷରେ ସୈନ୍ୟମାନଙ୍କୁ ପ୍ରେରଣ କରିଦେଇଥିଲା । ଗୋଟିଏ ସୈନ୍ୟଦଳ ଯାବାନ୍ ନେତୃତ୍ୱରେ କୁଫା ନିକଟବର୍ତୀ ନମାରିକ୍ ସ୍ଥାନରେ ଅବତୀର୍ଣ୍ଣ ହୋଇଥିଲା ତ' ଅନ୍ୟପଟରେ ଦ୍ୱିତୀୟ ସୈନ୍ୟବାହିନୀ ନର୍‌ସିର ନେତୃତ୍ୱରେ କସ୍‌କର୍‌ଠାରେ ଯାଇ ପହଂଚିଥିଲା । କସ୍‌କର୍ ସହର ବାଗ୍‌ଦାଦ୍ ଓ ବସ୍‌ରାଃର ମଧ୍ୟବର୍ତୀ ସ୍ଥାନ ଅଟେ । ଯଦ୍‌ଲା ସ୍ଥିତ ମଧ୍ୟବର୍ତୀ ନଦୀ ତୀରର ପଶ୍ଚିମତଟରେ ଅବସ୍ଥିତ ଏକ ଅଂଚଳ ଅଟେ । ନମାରିକ୍‌ରେ ହଜରତ ଅବୁ ଉବୈଦା ଓ ଜାବାନ୍‌ର ସୈନ୍ୟବାହିନୀ ମୁହାମୁହିଁ ହୋଇଥିଲା ଓ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ଏହି ଯୁଦ୍ଧରେ ଇରାନୀୟ ସେନା ପରାଜିତ ହୋଇଥିଲା । ଏପର୍ଯ୍ୟନ୍ତ କି ଇସ୍‌ଲାମୀୟ ସେନାର ଉତ୍କୃଷ୍ଟ ନମୁନା ଏହି ପରିସ୍ଥିତିରେ ଦେଖିବାକୁ ମିଳିଥିଲା । ଜାବାନ୍ ଯାହାକୁ ଇରାନୀୟ ସେନାବାହିନୀରେ ରାଜା ପରି ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା, ସେ ଗିରଫ ହେବା ପରେ ଏହି ଅବସରଟିରୁ ଉପକୃତ ହେବାକୁ ଉଚିତ ମଣିଲା । ତାକୁ ଗିରଫ କରିଥିବା ସିପାହୀମାନେ ତାକୁ ଚିହ୍ନିପାରିନଥିଲେ ତେଣୁ ସେ ନୀରବତାର ସହିତ ଫିଦିୟା ଦେଇ (ଅର୍ଥାତ କୈଦୀମାନେ ମୁକୁଳିବା ପାଇଁ ଯେଉଁ ଅର୍ଥ ପଇଠ କରିଥାନ୍ତି ତାହା ପଇଠ କରି) ନିଜକୁ କାରାମୁକ୍ତ କରିନେଇଥିଲା । କିନ୍ତୁ ଯେତେବେଳେ ମୁସଲମାନମାନଙ୍କୁ ସୂଚନା ମିଳିଲା ଏବଂ ସେମାନେ ଅବଗତ ହେଲେ ଯେ, ଜାବାନ୍ ଜଣେ ସେନାଧକ୍ଷ ସେତେବେଳେ ସେମାନେ ତାକୁ ପୁର୍ନବାର ଗିରଫ କରିନେଇଥିଲେ କିନ୍ତୁ ହଜ୍‌ରତ୍ ଅବୁ ଉବୈଦା ଯେତେବେଳେ ଏହି ଖବର ପାଇଲେ, ସେ ଏହି କାର୍ଯ୍ୟକୁ ସହ୍ୟ କଲେନାହିଁ କି ଜଣେ ମୁସଲମାନ ସିପାହୀ ଥରେ ଜଣଙ୍କଠାରୁ ଫିଦିଆ ପରେ, ପୂନର୍ବାର ତାକୁ ଗିରଫ କରାଯାଉ । ସୁତରାଂ ହଜ୍‌ରତ୍ ଅବୁ ଉବୈଦାଃଙ୍କୁ ବତାଗଲା ଯେ ଜାବାନ୍‌କୁ ଏକ ରାଜାର ସମ୍ମାନ ଦିଆଯାଇଥାଏ । ଏହା ସତ୍ୱେ ମଧ ହଜ୍‌ରତ୍ ଅବୁ ଉବୈଦାଃ ର:ଅ କହିଲେ ଯେ ମୁଁ ନିୟମ ଭଙ୍ଗ କରିପାରିବି ନାହିଁ । ତେଣୁ ତାକୁ ମୁକ୍ତ କରିଦିଆଗଲା । ସୁତରାଂ ମୁସଲମାନମାନେ ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କଲେ କିନ୍ତୁ ଯୁଦ୍ଧ ବିରୋଧି କାର୍ଯ୍ୟ କଲେନାହିଁ । ନିଜ ସେନାଧକ୍ଷଙ୍କ ଆଦେଶ ଖିଲାଫବର୍ତୀ କଲେନାହିଁ । ***(ତାରିଖେ ଇସ୍‌ଲାମ୍..... ପୃ-୯-୧୨) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୬୨-୩୬୩.....ବେରୁତ ୨୦୧୨) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୫, ପୃ-୩୫୧, ଖଣ୍ଡ-୨, ପୃ-୪୩୪...... ବେରୁତ)***

ସକାତିଆ ଯୁଦ୍ଧ ୧୩ ହିଜ୍‌ରୀରେ ହୋଇଥିଲା ନମାରିକ୍ ଯୁଦ୍ଧରୁ ପରାଜୟ ବରଣ କରି ଇରାନୀୟ ସୈନ୍ୟ କସ୍‌କରା ଆଡ଼କୁ ପଳାୟନ କଲେ ଯେଉଁଠି ଇରାନୀୟ ସୈନ୍ୟର ସେନାପତି ନର୍‌ସିର୍ ପୂର୍ବରୁ ହିଁ ଏକ ସୈନ୍ୟବାହିନୀ ଧରି ମୁସଲମାନମାନଙ୍କ ବିପକ୍ଷରେ ପ୍ରସ୍ତୁତ ଥିଲା । ଅତଏବ ହଜ୍‌ରତ୍ ଅବୁ ଉବୈଦା ର:ଅ ତାହାର ମୁକାବିଲା ନିମନ୍ତେ କସ୍‌କରା ଆଡ଼କୁ ଅଗ୍ରସର ହେଲେ । ନର୍‌ସିର୍ ଯିଏ କି କସ୍‌କର୍‌ଠାରେ ଇରାନୀୟ ସେନାର ସେନାଧକ୍ଷ ଥିଲା । ସେ ବେଶ୍ ଉଚ୍ଚ ପଦରେ ଅଧିଷ୍ଠିତ ଥିଲା । ତା ସେନାର ଦୁଇଜଣ ସେନାପତି ବନ୍ଦୁୟା ଓ ତେରୱିୟା ଇରାନ୍‌ର ଶାସାନୀ ରାଜାଙ୍କର ନିକଟ ସମ୍ପର୍କୀୟ ଥିଲେ । ଇରାନୀ ଦରବାରରେ ଯେତେବେଳେ ନମାରିକ୍‌ର ପରାଜୟ ଖବର ପହଂଚିଲା ସେତେବେଳେ ରୁସ୍ତମ ନର୍‌ସିଙ୍କ ନିକଟକୁ ଅଧିକ ସୈନ୍ୟ ସାହାଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା କଲେ । ସେଠାରେ ହଜ୍‌ରତ୍ ଅବୁ ଉବୈଦା ର:ଅ ନିଜର ସେନାକୁ ଅଧିକ ସୁଦୃଢ଼ କଲେ ଏବଂ ନର୍‌ସିଙ୍କୁ ଅଧିକ ସୈନ୍ୟ ସାମନ୍ତ ସାହାଯ୍ୟ ମିଳିବା ପୂର୍ବରୁ କସ୍‌କର୍ ଉପକୂଳ ଅଂଚଳରେ ଜଗିନେଲେ ଏବଂ ତାଙ୍କ ଉପରେ ଆକ୍ରମଣ କରିଦେଲେ । ସକାତିୟା ଯାହାକି ଉକ୍ତ ଅଂଚଳର ନାମ ଥିଲା, ସକାତିୟା ଯୁଦ୍ଧ ଘମାଘୋଟ ଯୁଦ୍ଧ ହୋଇଥିଲା ଏବଂ ସକାତିୟା ଯୁଦ୍ଧ ନାମରେ ତାହା ଖ୍ୟାତ । ଅଲ୍ଲାଃଙ୍କ କୃପାରୁ ମୁସଲମାନମାନେ ସେଠାରେ ବିଜୟ

ଲାଭ କରିଥିଲେ । ବଡ଼ ବଡ଼ ଯୁଦ୍ଧ ପରେ ହଜ୍‌ରତ୍ ଅବୁ ଉବୈଦା ର:ଅ କସ୍‌କର୍ ଆଖପାଖ ଅଂଚଳରେ ବାକି ରହିଯାଇଥିବା ଶତ୍ରୁମାନଙ୍କର ମୁକାବିଲା ପାଇଁ ମୁସଲମାନ ସେନାଙ୍କୁ ପ୍ରେରଣ କଲେ । ***(ତାରିଖେ ଇସ୍‌ଲାମ୍..... ମୀର୍ ମେହ୍‌ମୁଦ୍ ନାସିର୍ ସାହେବ, ପୃ-୧୨,୧୩) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୬୪.....ବେରୁତ ୨୦୧୨)***

ପୁଣି ବାରୁସମା ଯୁଦ୍ଧ ମଧ ୧୩ ହିଜ୍‌ରୀରେ ଘଟିଥିଲା । ଏହି ସ୍ଥାନଟି କସ୍‌କର୍ ଓ ସକାତିୟାର ମଧବର୍ତୀ ସ୍ଥାନରେ ଥିଲା ଯେଉଁଠି ଇରାନୀୟ ସେନାପତି ଜାଲିନୁସ୍ ସହିତ ଯୁଦ୍ଧ ହୋଇଥିଲା ଯିଏ ଜାବାନ୍‌କୁ ସାହାଯ୍ୟ କରିବା ପାଇଁ ଆସିଥିଲା । ରୁସ୍ତମ ନର୍‌ସିର ସାହାଯ୍ୟ ନିମନ୍ତେ ଏକ ଇରାନୀ ସେନା ପ୍ରେରଣ କରିଥିଲା ଯାହାର ଖବର ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କୁ ପୂର୍ବରୁ ପହଂଚି ଯାଇଥିଲା । ସୁତରାଂ ସେ ଅତି ଚତୁରତାର ସହ ଉକ୍ତ ସାହାଯ୍ୟ ନର୍‌ସିକୁ ମିଳିବା ପୂର୍ବରୁ ହିଁ ତାହା ନିକଟରେ ପହଂଚି ସଂଘର୍ଷ ଆରମ୍ଭ କରିଦେଇଥିଲେ ଅର୍ଥାତ ଯୁଦ୍ଧ ଆରମ୍ଭ କରିଦେଇଥିଲେ ଯଦ୍ୱାରା ନର୍‌ସି ପରାସ୍ତ ହୋଇ ପଳାୟନ କରିଥିଲା ଏବଂ ଆପଣ ଶତ୍ରୁର ଶକ୍ତିକୁ ଧରାଶାୟୀ କରିଦେଇଥିଲେ । ତେବେ ଜାଲିନୁସ୍ ବାରୁସମା ଅଂଚଳରେ ଥିବା ବାକସ୍ୱୟାସା ସ୍ଥଳେ ନିଜ ସୈନ୍ୟବାହିନୀକୁ ଅବତରଣ କରିଥିଲା । ହଜ୍‌ରତ୍ ଅବୁ ଉବୈଦା ର:ଅ ବାକୁସିୟସାନ୍‌ରେ ପହଂଚି ଇରାନୀୟ ସେନା ସହିତ ସଂକ୍ଷିପ୍ତ ଯୁଦ୍ଧ ପରେ ଉକ୍ତ ଅଂଚଳକୁ ଅଧିକୃତ କରିନେଇଥିଲେ ଅର୍ଥାତ ତାହାକୁ ବିଜୟ କରିନେଇଥିଲେ । ଜାଲିନୁସ୍ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିଥିଲା ଏବଂ ହଜ୍‌ରତ୍ ଅବୁ ଉବୈଦା ର:ଅ ଉକ୍ତ ଅଂଚଳରେ ଅବସ୍ଥାନ କରି ଆଖପାଖ ଅଂଚଳକୁ ପୂର୍ଣ୍ଣ ରୂପେ ନିଜ ଅଧିନକୁ ନେଇ ନେଇଥିଲେ । ଏହା ତିବ୍‌ରୀର ବର୍ଣ୍ଣନା ଅଟେ । ବଲାଜରୀ ଲେଖିଛନ୍ତି ଯେ ଜାଲିନୁସ୍ ସହିତ ସନ୍ଧି ହୋଇଥିଲା । କିନ୍ତୁ ପରେ ଐତିହାସିକମାନେ ଉଦାହରଣ ସ୍ୱରୁପ ଇବ୍‌ନେ ଖୁଲ୍‌ଦୁନ୍ ଏବଂ ଇବ୍‌ନେ ଅସିର୍ ତିବ୍‌ରୀଙ୍କ ବର୍ଣ୍ଣନାକୁ ସମର୍ଥନ କରିଛନ୍ତି । ***(ତାରିଖେ ଇସ୍‌ଲାମ୍..... ମୁମିନିନ୍...... ପୃ-୩୫୭.....ବେରୁତ ୨୦୦୭) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୧, ପୃ-୨୬୧...... ବେରୁତ)***

ଜସର୍ ଯୁଦ୍ଧ ପ୍ରସଙ୍ଗରେ କିଛି ବର୍ଣ୍ଣନା ପୂର୍ବରୁ ମୁଁ ଆଲୋଚନା କରିସାରିଛି କିନ୍ତୁ ଏଠାରେ ମଧ ତାହାର ପୂନରାୟ ଚର୍ଚ୍ଚା କରିବା ଜରୁରୀ ମନେ କରୁଛି । ଜସର୍ ଯୁଦ୍ଧ ୧୩ ହିଜ୍‌ରୀରେ ଘଟିଥିଲା ଯାହାକି ଫୁରାତ ନଦୀ ତଟରେ ମୁସଲମାନ ଓ ଇରାନୀୟ ସେନା ମଧରେ ଘଟିଥିଲା ଏହି ଯୁଦ୍ଧରେ ମୁସଲମାନମାନଙ୍କର ସେନାପତି ହଜ୍‌ରତ୍ ଅବୁ ଉବୈଦା ର:ଅ ଥିଲେ ଏବଂ ଇରାନୀୟ ସୈନ୍ୟ ପକ୍ଷରୁ ବହ୍‌ମନ୍ ଯାଜ୍‌ବିଓ୍ୱା ସେନାପତି ଥିଲେ । ମୁସଲମାନ ସୈନ୍ୟବାହିନୀଙ୍କ ସଂଖ୍ୟା ଦଶ ହଜାର ଥିବା ବେଳେ ଇରାନୀୟ ସୈନ୍ୟମାନଙ୍କ ସଂଖ୍ୟା ତିରିଶି ହଜାର ଥିଲା ଏବଂ ଇରାନୀୟ ସୈନ୍ୟରେ ୩ଶହ ସଂଖ୍ୟକ ହାତୀ ମଧ ରହିଥିଲେ । ଫୁରାତ୍ ନଦୀଟି ଦୁଇପକ୍ଷଙ୍କ ମଝିରେ ଥିବାରୁ ଉଭୟ ସୈନ୍ୟବାହିନୀ ମୁହାଁମୁହିଁ ହୋଇପାରୁନଥିଲେ ଅତଏବ ଉଭୟ ପକ୍ଷ ମିଳିତ ଭାବରେ ନଦୀରେ ଏକ ପୋଲ ନିର୍ମାଣ କରିବାପାଇଁ ନିଷ୍ପତି ନେଇଥିଲେ । ଯାହାର ନାମ 'ଜସ୍‌ର' ଥିଲା । 'ଜସର୍'ପୋଲକୁ କୁହାଯାଏ । ଅତଏବ ଉକ୍ତ ନାମାନୁଯାୟୀ ଉକ୍ତ ଯୁଦ୍ଧର ନାମ ଜସର୍ ପାଲଟିଲା । ପୋଲ ପ୍ରସ୍ତୁତ ହେବା ପରେ ବହ୍‌ମନ୍ ଜାଜ୍‌ଓ୍ୱୟା ହଜ୍‌ରତ୍ ଅବୁ ଉବୈଦାଃଙ୍କୁ ଖବର ପଠାଇଲେ ଯେ ତୁମେ ନଦୀ ପାର କରି ଆମ ପଟକୁ ଆସିବ ବା ଆମକୁ ନଦୀ ପାର କରି ତୁମ ପଟକୁ ଯିବା ପାଇଁ ଅନୁମତି ଦେବ । ହଜ୍‌ରତ୍ ଅବୁ ଉବୈଦାଃଙ୍କର ଏ ରାୟ ଥିଲା ଯେ ମୁସଲମାନମାନଙ୍କର ସେନା ନଦୀ ପାର ହୋଇ ବିପକ୍ଷ ଦଳ ସହିତ ଯୁଦ୍ଧ କରୁ । ଯେବେକି ସୈନ୍ୟ ଦଳର ସର୍ଦ୍ଦାର, ଯାହାଙ୍କ ମଧରେ ହଜ୍‌ରତ୍ ସଲିତ୍ ବି ଥିଲେ, ତାଙ୍କର ରାୟ ଏହାର ବିପରୀତ ଥିଲା । କିନ୍ତୁ ହଜ୍‌ରତ୍ ଅବୁ ଉବୈଦା ର:ଅ ନଦୀକୁ ଅତିକ୍ରମ କରି ଫରାସୀ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ । ଏହି ଆକ୍ରମଣ ଯୋଗୁଁ ଇରାନୀୟ ସୈନ୍ୟବାହିନୀ ବିକ୍ଷିପ୍ତ ହେବାକୁ ଲାଗିଲା । କିନ୍ତୁ ବହ୍‌ମନ୍ ଜାଜ୍‌ବିୟା ଯେତେବେଳେ ନିଜର ହାତୀମାନଙ୍କୁ ଆଗକୁ କରିଦେଲେ ସେତେବେଳେ ମୁସଲମାନମାନଙ୍କର ଧାଡ଼ି ବିଶୃଙ୍ଖଳିତ ହୋଇଯାଇଥିଲା । ଏହିଭଳି ପରିସ୍ଥିତିରେ ହଜ୍‌ରତ୍ ଅବୁ ଉବୈଦା ର:ଅ ହାତୀମାନଙ୍କର ଶୁଣ୍ଡ କାଟିଦେବା ପାଇଁ ଆଦେଶ ଦେଇଥିଲେ ଏବଂ ସ୍ୱୟମ ଆଗକୁ ବଢ଼ି ଗୋଟିଏ ହାତୀର ଶୁଣଣ୍ଢ କାଟିଦେଲେ ଅତଏବ ଏହି ଦୃଶ୍ୟକୁ ଦେଖି ଅନ୍ୟ ମୁସଲମାନ ସୈନିକମାନେ ନିଜ ସେନାପତିଙ୍କର ଅନୁକରଣ କରିଥିଲେ ଅତଏବ ଅନେକ ହାତୀଙ୍କ ଶୁଣ୍ଢ ଓ ଗୋଡ଼ କାଟି ସେମାନଙ୍କ ଉପରେ ଆରୋହଣ କରିଥିବା ଆରୋହୀଙ୍କୁ ହତ୍ୟା କରିଦେଇଥିଲେ । ଦୁର୍ଭାଗ୍ୟ ବଶତଃ ହଜ୍‌ରତ୍ ଅବୁ ଉବୈଦା ର:ଅ ଗୋଟିଏ ହାତୀର ଶୁଣ୍ଢ କାଟିବା ପରେ ତାହାର ପାଦତଳେ ଆସି ଯାଇଥିଲେ ଯଦ୍ୱାରା ସେ ନୀହତ ହୋଇ ଶହୀଦ ହୋଇଯାଇଥିଲେ ।

ତିବ୍‌ରୀର ଏକ ବର୍ଣ୍ଣନା ରହିଛି ଯେ, ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କ ପତ୍ନୀ ଦୋମା ଯୁଦ୍ଧ ପୂର୍ବରୁ ଏକ ସ୍ୱପ୍ନ ଦେଖିଥିଲେ ଯେ, ଆକାଶମାର୍ଗରୁ ଜଣେ ଏକ ପାତ୍ରରେ ବୈକୁଣ୍ଠରୁ କିଛି ତରଳ ପଦାର୍ଥ ଘେନି ଆଣିଛନ୍ତି ଯାହାକି ଅବୁ ଉବୈଦା ଏବଂ ଜବର୍ ବିନ୍ ଅବୁ ଉବୈଦାଃ ପାନ କରୁଛନ୍ତି ଏବଂ ତାଙ୍କ ବଂଶଧରର ଅନ୍ୟ କିଛି ଲୋକ ମଧ ସେଥିରୁ ପାନ କରୁଛନ୍ତି । ଦୋମା ଏହି ସ୍ୱପ୍ନ ତାଙ୍କ ସ୍ୱାମୀଙ୍କୁ ଅର୍ଥାତ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କୁ ଶୁଣାଇଥିଲେ । ଏଥିରେ ସେ ତାଙ୍କୁ ଉତର ଦେଇଥିଲେ ଯେ ଏହାର ଅର୍ଥ ହେଉଛି ଶାହାଦତ୍ । ଅଥିଅନ୍ତେ ହଜ୍‌ରତ୍ ଅବୁ ଉବୈଦା ର:ଅ ଲୋକମାନଙ୍କ ନିକଟରେ ଓ୍ୱସିୟତ କରିଥିଲେ, ଯେ ଯଦି ମୁଁ ଯୁଦ୍ଧରେ ଶହୀଦ ହୋଇଯାଏ ତେବେ ମୋ ଅନ୍ତେ ଜବର୍ ସେନାଧକ୍ଷ ହେବେ, ଯଦି ସେ ମଧ ଶହୀଦ ହୋଇଗଲେ ତେବେ ଅମୁକ ଅମୁକ ବ୍ୟକ୍ତି ଏହି ପଦରେ ମୃତୟନ ରହିବେ । ଅତଏବ ଯେଉଁ ଯେଉଁ ବ୍ୟକ୍ତି ଉକ୍ତ ପାତ୍ରରୁ ପାନ କରିଥିଲେ ସେ ସମସ୍ତେ ଜଣକ ପରେ ଜଣେ ଶହୀଦ ହୋଇ ଚାଲିଥିଲେ । ଏହିଭଳି ଦୌମାଙ୍କ ସ୍ୱପ୍ନ ସତ୍ୟ ସାବ୍ୟସ୍ତ ହୋଇଥିଲା । ଏହି ଯୁଦ୍ଧରେ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କ ବ୍ୟତିତ ଅତିରିକ୍ତ ଛଅ ଜଣ ବ୍ୟକ୍ତି ଇସ୍‌ଲାମୀୟ ଧ୍ୱଜାକୁ ସମ୍ଭାଳି ଜଣକ ପରେ ଜଣେ ବୀରଗତି ପ୍ରାପ୍ତ କରିଥିଲେ । ଅଷ୍ଟମ କମାଣ୍ଡର ହଜ୍‌ରତ ମୁସ୍‌ନା ଥିଲେ ଯିଏ ଇସ୍‌ଲାମୀୟ ଧ୍ୱଜାକୁ ଧରି ଏବଂ ଇସ୍‌ଲାମୀୟ ସୈନ୍ୟକୁ ପୂର୍ନବାର ଏକତ୍ରିତ କରି ଭରପୂର ଆକ୍ରମଣ କରିବାକୁ ମନସ୍ଥ କଲେ । କିନ୍ତୁ ଇସ୍‌ଲାମୀୟ ସୈନ୍ୟ ଛିନ୍ନ ଭିନ୍ନ ହୋଇଯାଇଥିଲା । ଲୋକମାନେ ନିଜର ସାତଜଣ ଅମୀରଙ୍କୁ ଶହୀଦ ହେବାର ଦେଖି ଛତ୍ର ଭଙ୍ଗ ଦେବା ଆରମ୍ଭ କରିଦେଇଥିଲେ । କିନ୍ତୁ ହଜ୍‌ରତ୍ ମୁସନ୍ନା ଓ ତାଙ୍କର କିଛି ସାଥି ସାହାସର ସହିତ ଲଢ଼ି ଚାଲିଲେ । ଯେତେବେଳେ ମୁସ୍‌ନା ସ୍ୱୟମ ଆହତ ହେଲେ ସେତେବେଳେ ସେ ଅତ୍ୟନ୍ତ ସାହାସୀକତାର ସହିତ ଯୁଦ୍ଧ ଲଢ଼ି ଫୁରାତ ନଦୀକୁ ଅତିକ୍ରମ କରି ସକୁଶଳେ ଫେରି ଆସିଥିଲେ ଏହି ଯୁଦ୍ଧରେ ମୁସଲମାନମାନଙ୍କୁ ବହୁତ କ୍ଷତି ହୋଇଥିଲା । ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ୪ହଜାର ସୈନିକ ଶହୀଦ ହୋଇଥିଲେ । ଅପରପକ୍ଷେ ଇରାନୀୟ ସୈନ୍ୟବାହିନୀର ୬ ହଜାର ସୈନିକ ନୀହତ ହୋଇଥିଲେ । ଉକ୍ତ ପରାଜୟ ମୁସଲମାନମାନଙ୍କ ନିମନ୍ତେ ଆହୁରି ଅଧିକା କ୍ଷତି ସାବ୍ୟସ୍ତ ହୋଇଥାନ୍ତା କିନ୍ତୁ ସୌଭାଗ୍ୟ ବସତଃ ବିଧିର ବିଧାନ ଏହା ହେଲା ଯେ, ଇରାନୀୟ ସରକାରୀ ସଦସ୍ୟଙ୍କ ମଧରେ ମତପାର୍ଥକ୍ୟ ଓ ମତଭେଦ ସୃଷ୍ଟି ହୋଇଯାଇଥିଲା ଫଳତଃ ବାହାମନ୍ ଜାଜ୍‌ବିୟାଙ୍କୁ ଯୁଦ୍ଧରୁ ଫେରିବାକୁ ପଡ଼ିଥିଲା ଓ ଶତ୍ରୁପକ୍ଷର ସୈନ୍ୟ ମୁସଲମାନମାନଙ୍କ ପଛରେ ଅନୁଧାବନ କରିପାରିଲେ ନାହିଁ ।

ଇବ୍‌ନେ ଅସିର୍ ଏହାର କାରଣ ଦର୍ଶାଇଛନ୍ତି କି, ଇରାନୀୟ ରାଜଧାନୀ ମଦାଇନ୍‌ରେ ରାଜତନ୍ତ୍ରର ଗୋଟିଏ ଦଳ ରୁସ୍ତମ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଦେଇଥିଲା । ***(ତାରିଖେ ଇସ୍‌ଲାମ୍......ପୃ-୧୮-୨୧) (ତାରିଖେ ତିବ୍‌ରୀ, ଖଣ୍ଡ-୨, ଭାଗ-୨, ପୃ-୨୨୯.....କରାଚୀ ୨୦୦୪) (ତାରିଖେ ଇବ୍‌ନେ ଖୁଲ୍‌ଦୁନ୍, ଖଣ୍ଡ-୩, ପୃ-୨୭୦-୨୭୩....କରାଚି ୨୦୦୩) (ଅଲ୍‌କାମିଲ୍ ଫିତ୍ ତାରିଖ ଲେ ଇବ୍‌ନେ ଅସିର୍, ପୃ-୩୧୧)*** ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ ଜସ୍‌ର ଯୁଦ୍ଧ ସମ୍ପର୍କରେ କିଛି ବର୍ଣ୍ଣନା କରିଛନ୍ତି । ମୁସଲମାନମାନଙ୍କୁ ସବୁଠୁ ବଡ଼ ପରାଜୟ ଜସର୍ ଯୁଦ୍ଧରେ ହୋଇଥିଲା । ଇରାନୀମାନଙ୍କ ସହିତ ଯୁଦ୍ଧ ଲଢ଼ିବା ପାଇଁ ମୁସଲମାନମାନଙ୍କର ବଡ଼ ସୈନ୍ୟଦଳ ଗଲା । ଇରାନୀ କମାଣ୍ଡର ନଦୀ ଆରପଟେ ଛାଉଣୀ ପକାଇ ମୁସଲମାନ ସୈନ୍ୟଙ୍କୁ ଅପେକ୍ଷା କଲା । ଇସ୍‌ଲାମୀୟ ସେନା ଜୋଶ୍‌ରେ ଆସି ତାଙ୍କ ଉପରେ ଆକ୍ରମଣ କରିଦେଲା । କିନ୍ତୁ ଇରାନୀ କମାଣ୍ଡରଙ୍କର ଏହା ଏକ ସୁଚିନ୍ତିତ ଯୋଜନା ଥିଲା । ଗୋଟିଏ ଚାଲ୍ ଥିଲା । ସେ ଦଳେ ସୈନିକଙ୍କୁ ପଛପଟୁ ଉଠାଇ ପୋଲ ଉପରେ କବ୍‌ଜା କରିନେଲା ଓ ମୁସଲମାନମାନଙ୍କ ଉପରେ ତାଜା ଆକ୍ରମଣ କରିଦେଲା । ମୁସଲମାନମାନେ ପଛକୁ ଫେରିଲେ କିନ୍ତୁ ପୋଲ ଉପରେ ଶତ୍ରୁପକ୍ଷର ସୈନ୍ୟକୁ ଦେଖି ନଦୀରେ ଡ଼େଇଁବାକୁ ବାଧ ହେଲେ । ମୁସଲମାନମାନଙ୍କର କ୍ଷତି ଏତେ ଭୟଙ୍କର ଥିଲା ଯେ ଏହି କ୍ଷତି ଯୋଗୁଁ ମଦିନା ମଧ ପ୍ରକମ୍ପିତ ହୋଇଉଠିଥିଲା । ହଜ୍‌ରତ୍ ଉମର୍ ର:ଅ ମଦିନା ବାସୀଙ୍କୁ ଏକତ୍ରିତ କରି କହିଲେ, ବର୍ତମାନ ମଦିନା ଓ ଇରାନ ମଧରେ କୌଣସି ପ୍ରତିବନ୍ଧକ ବାକି ନାହିଁ । ମଦିନା ସମ୍ପୁର୍ଣ୍ଣ ରୂପେ ଉଲଗ୍ନ ହୋଇଯାଇଛି ଏବଂ ସମ୍ଭବତଃ ଶତ୍ରୁ କିଛି ଦିନ ମଧରେ ଏଠାରେ ପହଂଚିଯିବ ତେଣୁ ମୁଁ ସ୍ୱୟମ କମାଣ୍ଡର ହୋଇ ମୁସଲମାନ ସେନାର ସେନାପତି ହୋଇ ଲଢ଼ିବାକୁ ଚାହୁଁଛି । ଅନ୍ୟ ଲୋକମାନେ ତ ହଜ୍‌ରତ୍ ଉମର ର:ଅଙ୍କ ଏହି ପ୍ରସ୍ତାବକୁ ପସନ୍ଦ କଲେ କିନ୍ତୁ ହଜ୍‌ରତ୍ ଅଲୀ ର:ଅ କହିଲେ, ଅଲ୍ଲା ଏପରି ନ କରନ୍ତୁ କି ଏହି ଅଭିଯାନରେ ଆପଣଙ୍କର ଯଦି କିଛି କ୍ଷତି ହୋଇଯାଏ ତେବେ ମୁସଲମାନ ସୈନ୍ୟବାହିନୀ କ୍ଷିପ୍ତବିକ୍ଷିପ୍ତ ହୋଇଯିବ ଏବଂ ତାଙ୍କର ଏକତା ସମ୍ପୁର୍ଣ୍ଣ ରୂପେ ଭାଙ୍ଗିଯିବ ତେଣୁ ଆପଣ ସ୍ୱୟମ ନ ଯାଇ ଅନ୍ୟ କୌଣସି ବ୍ୟକ୍ତିକୁ ସେନାପତି କରି ପ୍ରେରଣ କରନ୍ତୁ । ବସ୍ତୁତଃ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ଯିଏ ସିରିୟାରେ ରୋମୀମାନଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ଥିଲେ, ତାଙ୍କୁ ପତ୍ର ଲେଖିଲେ ଯେ, ତୁମେ ଯେତେ ସଂଖ୍ୟକ ସୈନ୍ୟ ପ୍ରେରଣ କରିପାରୁଛ ପ୍ରେରଣ କରିଦିଅ କାରଣ ବର୍ତମାନ ମଦିନା ସମ୍ପୁର୍ଣ୍ଣ ରୂପେ ଉଲଗ୍ନ ହୋଇଯାଇଛି ଏବଂ ଶତ୍ରୁପକ୍ଷକୁ ଯଥାଶିଘ୍ର ରୋକା ନ ଗଲେ ତାହାହେଲେ ସେମାନେ ମଦିନା ଉପରେ ବିସ୍ତାର ଲାଭ କରିବେ । ମଦିନା ଉପରେ ଆକ୍ରମଣ କରିଦେବେ ।

***(ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା କେ ସାଲାନା ଇଜ୍‌ତିମା.... ମେଁ ବାଜ୍ ଅହମ୍ ହିଦାୟାତ୍, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୨, ପୃ-୫୬-୫୭)***

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର ର:ଅଙ୍କ ଆଲୋଚ୍ୟ ଜୀବନୀ ପ୍ରସଙ୍ଗ ବର୍ତମାନ ଅବ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଆଲୋଚନା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କର ଯନାଜାଃ ପାଠ କରିବାକୁ ଚାହୁଁଛି ଏବଂ ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ଗାଏବ ମଧ ପଢ଼ାଇବି । ତନ୍ମଧରୁ ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ଫତିହି ଅବ୍‌ଦୁସ୍ ସଲାମ୍ ସାହେବ । ସେ ମିଶର ଦେଶର ଅଧିବାସୀ ଥିଲେ ଏବଂ ବିଗତ ଦିନ ୭୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ଫତିହି ସାହେବଙ୍କ ପିତା ନକ୍ସବନ୍ଦି ସମ୍ପ୍ରଦାୟର ଅନୁଗାମୀ ଥିଲେ ଏବଂ ସେ ୮୮ ବର୍ଷ ବୟସରେ ଅହେମଦିୟତ୍ ଗ୍ରହଣ କରିଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ଫତିହି ସାହେବଙ୍କ ପିତା ମୃତ୍ୟୁ ପୂର୍ବରୁ ବୟତ କରି ଯମାତ୍ ଅହେମଦିୟାରେ ଅର୍ନ୍ତଭୁକ୍ତ ହେବାର ସୌଭାଗ୍ୟ ଅର୍ଜନ କରିନେଇଥିଲେ । ସ୍ୱର୍ଗତ ଫତିହି ସାହେବ ଦଶ ବର୍ଷ ବୟସରେ ପବିତ୍ର କୁର୍‌ଆନ୍ ମୁଖସ୍ତ କରିନେଇଥିଲେ । ପବିତ୍ର କୁର୍‌ଆନ୍ ପ୍ରତି ଗଭୀର ଆନ୍ତରିକତା ଭାବ ଯୋଗୁଁ ସ୍ୱର୍ଗତ ଫତିହି ସାହେବଙ୍କର ପିତା ମଧ ପବିତ୍ର କୁର୍‌ଆନ୍ ମୁଖସ୍ତ କରିବାକୁ ଲାଗିଲେ ଏବଂ ସମ୍ପୁର୍ଣ୍ଣ କୁର୍‌ଆନ୍ ମୁଖସ୍ତ କରିନେଇଥିଲେ । ପରବର୍ତୀ ସମୟରେ ତାଙ୍କ ପିତାଙ୍କ ଉପରେ ଅଲ୍ଲାଃ ତାଲାଙ୍କ ଏଭଳି କୃପା ଅବତୀର୍ଣ୍ଣ ହୋଇଥିଲା ଯେ, ତାଙ୍କ ପିତା ୮୮ ବର୍ଷ ବୟସରେ

ଯମାତ୍ ଅହେମଦିୟାରେ ବୟତ କରି ଅର୍ନ୍ତଭୁକ୍ତ ହୋଇଥିଲେ ଯେପରି କି ମୁଁ କହିଲି ପବିତ୍ର କୁର୍‌ଆନ୍ କରୀମ୍ ମୁଖସ୍ତ କରି ସାରିବା ପରେ ଫତିହି ସାହେବ ଅଲ୍ ଅଜ୍‌ହର୍ ବିଦ୍ୟାଳୟରୁ ସଫଳତାର ସହ ନିଜର ଶିକ୍ଷା ସମାପ୍ତ କରିଥିଲେ । ପୁନଶ୍ଚ କାହେରା ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଙ୍ଗରେ ଡ଼ିଗ୍ରୀ ହାସଲ କରିଥିଲେ । ଛାତ୍ର ଜୀବନରେ ଅଧ୍ୟୟନର ପ୍ରବଳ ଅଭିରୁଚି ଯୋଗୁଁ ନିଜ ପକେଟରୁ ଟଙ୍କା ସଂଚୟ କରି ସେ ପୁସ୍ତକ କ୍ରୟ କରୁଥିଲେ ଏବଂ ତାହାକୁ ଅଧ୍ୟୟନ କରୁଥିଲେ । ଏହାପରେ ସେ ମିଶର ଏୟାରଫୋର୍ସର ଅଫିସର ଭାବରେ ନିଯୁକ୍ତ ହୋଇଥିଲେ । ସେନାରେ ତାଙ୍କ ଉପରେ ଏକ ଲାଞ୍ଛନା ଲାଗିଥିଲା ଯେ ସେ କେତେକ ବିପ୍ଲବିକ ଆହ୍ୱାନରେ ଗୁପ୍ତ ଭାବରେ ସାମିଲ ଅଛନ୍ତି କିନ୍ତୁ ସେ ଏହି କଥାର ଖଣ୍ଡନ କରିଥିଲେ ଯେ, ସେ ସେହି ଅସାଧୁ ଗୋଷ୍ଠୀଙ୍କ ସଂଶୋଧନ ନିମନ୍ତେ ପ୍ରୟାସ କରୁଥିଲେ । ସେ ଯାହା ହେଉ ନା କାହିଁକି ଏହି ଲାଞ୍ଛନ ଯୋଗୁଁ କିଛି ଦିନ କାରାବରଣ ଭୋଗ କରିବାକୁ ପଡ଼ିଥିଲା ସେଥିଅନ୍ତେ ସେ ଇରାକ ଚାଲି ଯାଇଥିଲେ ଓ ସେଠାରେ କିଛି କାଳ ଇଞ୍ଜିନିୟର ଭାବରେ କାର୍ଯ୍ୟ କରିଥିଲେ । ୧୯୯୧ ମସିହାରେ ଇରାକରେ ଯୁଦ୍ଧ ସମୟରେ ସେ ଅତ୍ୟନ୍ତ ବିପଦପୂର୍ଣ୍ଣ ତଥା ଭୟଙ୍କର ଜୀବନ ଅତିବାହିତ କରିଥିଲେ । ଯେଉଁ ଇଲାକାରେ ସ୍ୱର୍ଗତ ରହୁଥିଲେ ସେଠାରେ ଗୋଟିଏ ରାତ୍ରରେ ପ୍ରାୟ ଦଶଟି ବୋମା ପଡ଼ିଥିଲା । ଆପଣ ନିଜ ପରିବାରଙ୍କୁ ଧରି ଦୁଆ (ଅର୍ଥାତ ପ୍ରାର୍ଥନା କରିବାରେ) ଲାଜ ରହିଥିଲେ ଅଲ୍ଲାଃ ତାଲା ଆଶ୍ଚର୍ଯ୍ୟଜନକ ଭାବରେ ତାଙ୍କୁ ସୁରକ୍ଷିତ ରଖିଥିଲେ । ଏହାପରେ ଫତିହି ସାହେବ ଉଦ୍ଦୁନ ଗଲେ ଓ ମୌତଜଲି ସମ୍ପ୍ରଦାୟ ସହିତ ସାମିଲ ହୋଇଗଲେ । ପୁନଶ୍ଚ ସେ ମିଶର ଆସିଲେ ଏବଂ କୌଣସି ମତେ ସେ ଅହ୍‌ଲେ କୁର୍‌ଆନ୍ ଫିର୍କା ଆଡ଼କୁ ଆକର୍ଷିତ ହୋଇଥିଲେ ଯେ ଯମାତ୍ ଅହେମଦିୟା ସହିତ ତାଙ୍କର ପରିଚିତ ହେଲା । ଯମାତ୍ ଅହେମଦିୟାରେ ତାଙ୍କୁ ସମସ୍ତ ପ୍ରକାର ସମସ୍ୟାର ସମାଧାନ ମିଳିଗଲା ଫଳତଃ ସେ ବୟତ କରି ଅହେମଦି ହୋଇଯାଇଥିଲେ । ଫତିହି ସାହେବ ସ୍ୱୟମ ବୟତର ଘଟଣା ବର୍ଣ୍ଣନା କରି କୁହନ୍ତି:- ୧୯୯୫ ମସିହାରେ ମିଶରରେ ଇବ୍‌ନେ ଖଲ୍‌ଦୁନ୍ ନାମକ ଏକ ଶିକ୍ଷାନୁଷ୍ଠାନରେ ବିଭିନ୍ନ ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିବେଶଣ ହୋଇଥାଏ । ମତେ ସେଠାରେ ନିଜ ବକ୍ତୃତା ପରିବେଷଣ କରିବାର ଓ ପ୍ରଶ୍ନୋତର ଦେବାର ସୌଭାଗ୍ୟ ଲାଭ ହୋଇଥିଲା । ୧୯୯୮ ମସିହାରେ ସମ୍ମାନନୀୟ ମୁସ୍ତଫା ସାବିର୍ ସାହେବ ଉକ୍ତ କେନ୍ଦ୍ରରେ ମୋର ବକ୍ତୃତା ଶୁଣି ବହୁତ ପ୍ରଶଂସା କରିଥିଲେ ଏବଂ ନିଜ ଘରକୁ ନିମନ୍ତ୍ରଣ କରିଥିଲେ । ଯେଉଁଠି ମତେ ତିନିଘଂଟାର ଏକ ଭିଡ଼ିଓ କ୍ୟାସେଟ ଦେଖାଇଲେ । ତହିଁରେ ସମ୍ମାନନୀୟ ସ୍ୱର୍ଗତ ହିଲ୍‌ମି ଶାଫି ସାହେବ ଦଜ୍ଜାଲ୍ ସମ୍ପର୍କରେ ଆହାଦିସ୍‌ର ଚର୍ଚ୍ଚିତ ବିଷୟରେ ଏଭଳି ଏକ ସ୍ପଷ୍ଟିକରଣ ବର୍ଣ୍ଣନା କଲେ ଯାହାକୁ ଶୁଣି ମୁଁ ବହୁତ ପସନ୍ଦ କଲି । ସ୍ୱର୍ଗତ ଫତିହି ସାହେବ କୁହନ୍ତି ମୁଁ ପଚାରିବା ଯୋଗୁଁ ସାବିର୍ ସାହେବ କହିଲେ, ଏହି ଯେଉଁ ବ୍ୟାଖ୍ୟା ରହିଛି ଯେ, ଦଜ୍ଜାଲ୍‌ର ବନ୍ଧକାରୀ ହଜ୍‌ରତ୍ ମସିହ ମଉଦ୍ ଆ:ସ ଆସିବେ, ୧୯୯୯ ମସିହାରେ ମୁସ୍ତଫା ସାବିତ୍ ସାହେବ ପୁସ୍ତକ ଇସ୍‌ଲାମ୍ ଉସୁଲ୍‌କି ଫଲାସଫି ତାଙ୍କୁ ପ୍ରଦାନ କରିଥିଲେ । ଯେଉଁ ପୁସ୍ତକକୁ ପଠନ କରି ତାଙ୍କ ଭିତରେ ଏକ ଅଭୁଦ ପୂର୍ଣ୍ଣ ବିପ୍ଲବ ସୃଷ୍ଟି ହୋଇଥିଲା । ସେ କୁହନ୍ତି ମୁଁ ଇମାମ୍ ମେହେଦୀ ଆ:ସଙ୍କ ସମ୍ପର୍କରେ ବିସ୍ତୃତ ଗବେଷଣା କରିବାପାଇଁ ନିଷ୍ପତି ନେଲି । ମୁଁ ନିଜର ବ୍ୟକ୍ତିଗତ ଗବେଷଣା ଦ୍ୱାରା ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ନାସିଖ୍ ମନ୍‌ସୁଖ୍ (ଅର୍ଥାତ ପବିତ୍ର କୁର୍‌ଆନ୍‌ର କିଛି ଆୟତ ବର୍ତମାନ ଉପଯୋଗୀ ନୁହେଁ)ର ଆସ୍ଥା ଭ୍ରାନ୍ତ ଓ ପବିତ୍ର କୁର୍‌ଆନ୍‌ର ଗାରିମା ବିରୁଦ୍ଧୀୟ ତେଣୁ ମୁଁ ଧାର୍ମିକ ସ୍ୱାଧିନତାର ପକ୍ଷପାତି ଥିଲି ଏହାପରେ ମୁଁ ଅହେମଦିୟା ସମ୍ପର୍କରେ ଗବେଷଣା କଲି । ସ୍ୱୟମ ଅଧ୍ୟୟନ କଲି । ଅତଏବ ମୁଁ ଏହା ଅବଲୋକନ କଲି ଯେ, ଅହେମଦିୟତ ତ' ଏହି ଧର୍ମୀୟ ସ୍ୱାଧିନତାକୁ ସମର୍ଥନ କରୁଅଛି ଏବଂ ତାହାର ପ୍ରଚାର ପ୍ରସାର କରୁଅଛି । ପୁନଶ୍ଚ ପବିତ୍ର କୁର୍‌ଆନ୍‌ର ଅନ୍ୟ କେତେକ ଆୟତ ସମ୍ପର୍କରେ ପ୍ରଶ୍ନ ପଚାରିଲି ପ୍ରତ୍ୟୁତରେ ମୁସ୍ତଫା ସାବିତ୍ ସାହେବ ମତେ five volume commentary ପୁସ୍ତକ ଦେଲେ ଏବଂ କହିଲେ, ଉକ୍ତ ପୁସ୍ତକରେ ସମସ୍ତ ପ୍ରଶ୍ନର ଉତର ରହିଛି ମୁଁ ଦେଖିଲି ତହିଁରେ ମୋର ସମସ୍ତ ପ୍ରଶ୍ନର ଉତର ମତେ ମିଳିଗଲା ଏବଂ ସେଥିରେ ମୁଁ ଆଶାନୁରୁପ କଥନ ଉଲ୍ଲେଖିତ ରହିଥିବାର ପାଇଲି । ସ୍ୱର୍ଗତ ଫତିହି ସାହେବ କୁହନ୍ତି, ମୁଁ ବହୁତ ଭାବିଲି ଯେ, **ଓ୍ୱହି ଇଲାହି** ଅର୍ଥାତ ସ୍ୱର୍ଗବାଣୀ ହେବାର ର ମିଥ୍ୟା ଦାବି କରିବା ମହା ଅନ୍ୟାୟ କିନ୍ତୁ କେଉଁ ଯେଉଁ ପ୍ରସଙ୍ଗକୁ ଧରି ମେହେଦୀ ଆସିଛନ୍ତି ତାହା ସବୁ ସତ୍ୟ ଓ ପଥପ୍ରଦର୍ଶକ ତଥା ଆଧାତ୍ମିକ ପ୍ରସଙ୍ଗ ଉପରେ ଆଧାରିତ । ଗୋଟିଏ କିମ୍ବା ଦୁଇଟି ଅର୍ଥ ତ କୌଣସି ନା କୌଣସି ବ୍ୟକ୍ତି ବର୍ଣ୍ଣନା କରିଦେଇଥାଏ କିନ୍ତୁ ଏହିଭଳି ସତାର୍ଥବୋଧକ କଥନ ଓ ଏତେ ସଂଖ୍ୟାରେ ବିଗତ ଶତାବ୍ଦୀରେ କୌଣସି ବ୍ୟକ୍ତିକୁ ଅଲ୍ଲାଃ ତାଲା ପ୍ରଦାନ କରିନାହାନ୍ତି । ତେବେ ଅଲ୍ଲାଃ ତାଲା କ'ଣ ଏହି ଭବ୍ୟ ପୁରଷ୍କାରରୁ ଏଭଳି ବ୍ୟକ୍ତିକୁ ପୁରସ୍କୃତ କଲେ ଯିଏ ଘୋର ଅନ୍ୟାୟ ଅବଲମ୍ବନକାରୀ ଓ ଯିଏ ତାଙ୍କ ଉପରେ ଐଶିବାଣୀ ହେବାର ଦାବି କରୁଅଛନ୍ତି ? ପରିଶେଷରେ ଦୁଆ କରିବା ପରେ ଓ ପୁସ୍ତକ ପଢ଼ିସାରି ଭଲ ଭାବରେ ଚିନ୍ତନ କଲି । ୨୦୦୧ ମସିହାରେ ମୁସ୍ତଫା ସାହେବ ଯେତେବେଳେ ମିଶର ଆସିଲେ, ସେତେବେଳେ ମୁଁ ତାଙ୍କୁ କହିଲି ମୁଁ ଇମାମ୍ ମେହେଦୀ ଆ:ସଙ୍କ ଉପରେ ବିଶ୍ୱାସ ନେଇ ଆସିଛି । ମୁହୁର୍ତକ ପାଇଁ ସେ ଭାବ ପ୍ରବଣ ହୋଇ ମୋ କଥାରେ ବିଶ୍ୱାସ କରିପାରିଲେନାହିଁ । ଏହାପରେ ମୁଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆରବୀୟ ପୁସ୍ତକ ଅଧ୍ୟୟନ କରିବା ଆରମ୍ଭ କରିଦେଲି । ତାହାର ଅର୍ଥ ଓ ଗୁଢ଼ ରହସ୍ୟର ଏକ ଗଭୀର ଜ୍ଞାନର ସମୁଦ୍ର ମୋ ସମ୍ମୁଖରେ ତରଙ୍ଗାୟିତ ହେବାକୁ ଲାଗିଲା । ସ୍ୱର୍ଗତ ଫତିହି ସାହେବ ଯମାତ ନିମନ୍ତେ ଯେଉଁ ଜ୍ଞାନବର୍ଦ୍ଧକ ସେବାକାର୍ଯ୍ୟ ସମ୍ପାଦନ କରିଛନ୍ତି । ସେଥି ମଧ୍ୟରେ ୨୦୦୫ ମସିହାରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ପୁସ୍ତକ "Life of Mohammad"ର ଇଂରାଜୀରୁ ଆରବୀୟ ଅନୁବାଦ କରିଛନ୍ତି । **ଅଲ୍‌ହଓ୍ୱାରୁଲ୍ ମୁବାଶିର୍**ର କାର୍ଯ୍ୟକ୍ରମରେ ସେ ସାମିଲ ରହୁଥିଲେ ଅତ୍ୟନ୍ତ ଉତ୍ସାହ ତଥା ଭାବପ୍ରବଣ ଶୈଳୀରେ ତଥ୍ୟପୂର୍ଣ୍ଣ ଓ ବିସ୍ତୃତ ଉତର ପ୍ରଦାନ କରୁଥିଲେ । ସ୍ୱର୍ଗତ ଫତିହି ସାହେବଙ୍କର ଏହି ଶୈଳୀକୁ ଦର୍ଶକମାନେ ଖୁବ୍ ପସନ୍ଦ ମଧ୍ୟ କରୁଥିଲେ । ଜଣେ ମିଶରୀୟ ଖ୍ରୀଷ୍ଟିୟାନ୍ ପାଦ୍ରୀ ପବିତ୍ର କୁର୍‌ଆନ୍ କରିମ୍ ଉପରେ ଆପତି ଜନକ ଏକ ସିରିଜ ଅର୍ଥାତ ଧାରାବାହିକ ଚଲାଇଥିଲା ଯାହାର ଶିର୍ଷକ ଏହି ବିଷୟ ଉପରେ ଆଧାରିତ ଥିଲା ଯେ, ହଲିଲ୍ କୁର୍‌ଆନୁ କଲାମୁଲ୍ଲାଃ ଅର୍ଥାତ କ'ଣ ପବିତ୍ର କୁର୍‌ଆନ୍ ଅଲ୍ଲାଃ ତାଲାଙ୍କ ବାଣୀ ? ଏହାର ଉତରରେ ସ୍ୱର୍ଗତ ଫତିହି ସାହେବ ୨୦୦୬ ମସିହାରେ ଏକ କାର୍ଯ୍ୟକ୍ରମର ସିରିଜ ରେକର୍ଡ଼ କଲେ ଯାହାର ନାମ ଥିଲା "**ନାଆମ୍ ! ଇନ୍ନହୁ କଲାମୁଲ୍ଲାଃ**" ଅର୍ଥାତ ନିଃସନ୍ଦେହ ରୂପେ ପବିତ୍ର କୁର୍‌ଆନ୍ ଅଲ୍ଲାଃ ତାଲାଙ୍କ ପ୍ରକାଶ୍ୟ ବାଣୀ ସମୂହ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆରବୀ କସିଦାର ବ୍ୟାଖ୍ୟା ସମ୍ୱଳିତ ଏକ କାର୍ଯ୍ୟକ୍ରମ ରୁହୁଲ୍ କୁଦୁସ୍ ଆରମ୍ଭ କଲେ ଯହିଁରେ କସିଦାର ଆକ୍ଷରିକ ଅର୍ଥର ଚମତ୍କାରିତାକୁ ଅତ୍ୟନ୍ତ ସୁନ୍ଦର ଶୈଳୀ ଓ ସ୍ୱଷ୍ଟ ରୂପେ ପ୍ରକାଶ କରିଥିଲେ । ଏହା ବ୍ୟତିତ ସେ ଅନେକ କାର୍ଯ୍ୟକ୍ରମରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଯହିଁରେ ନବୁଓ୍ୱାତ୍ ତହକ୍‌କକତ୍ ଅର୍ଥାତ ଯେଉଁ ଭବିଷ୍ୟବାଣୀଗୁଡ଼ିକ ପୁରଣ ହୋଇଯାଇଛି, ବରାହିନେ ଅହେମଦୀୟା ପୁସ୍ତକର ତାତ୍ୱିକ ଜ୍ଞାନ, ଫି ସମାଓ୍ୱାତ କୁର୍‌ଆନ୍, ତାରିଖେ ଇସ୍‌ଲାମ୍ ଏବଂ ଖାତମୁନ୍ ନବିୟିନ୍ ଆଦି କାର୍ଯକ୍ରମମାନ ଅନ୍ତର୍ଭୁକ୍ତ ଅଟେ ।

ଏହା ବ୍ୟତିତ ସ୍ୱର୍ଗତ ଫତିହି ସାହେବ ମହୋଦୟ ଯମାତି ସେବାରେ ମଧ୍ୟ ନିୟୋଜିତ ଥିଲେ । ସେ ସ୍ଥାନିୟ ଯମାତ୍‌ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେକ୍ରେଟାରୀ ତବ୍‌ଲିଗ୍ ରୂପେ ସେବା ସମ୍ପାଦନ କରିଆସୁଥିଲେ । ନିଜକୁ ଓ୍ୱକ୍‌ଫ କରିବାପାଇଁ ତଥା ଉତ୍ସର୍ଗ କରିବାପାଇଁ ମଧ୍ୟ ଉପସ୍ଥାପିତ କରିଦେଇଥିଲେ । ଅନେକ ବର୍ଷ ଧରି ଜଣେ ଓ୍ୱକ୍‌ଫେ ଜିନ୍ଦେଗୀ ଭାବରେ ଯମାତ୍‌ରେ ସେବା କରିଆସୁଥିଲେ । ଯମାତ୍‌ର ସେଂଟରରେ ସେ ଦରସ୍ ମଧ୍ୟ ଦେଉଥିଲେ ।

ତାଙ୍କର ସୁପୁତ୍ର ଇବ୍ରାହିମ୍ ଫତିହି ସାହେବ କୁହନ୍ତି ଯେ, ମୋ ପିତା ସୁରାଃ ଫାତିହାକୁ କେନ୍ଦ୍ର କରି ସତ୍ୟ ଜୀବନ ଅତିବାହିତକାରୀ ବ୍ୟକ୍ତି ଥିଲେ । ତାଙ୍କର ଜୀବନ ଖିଲାଫତ୍‌ର ଆଲୋକରେ ଆଲୋକିତ ହୋଇଥିଲା । ଉପସ୍ଥିତ ଖଲିଫାଙ୍କ ପାଇଁ ପ୍ରେମ ଏବଂ ସମ୍ମାନରର ଅଦ୍ଭୁତ ପ୍ରେମ ଭାବ ତାଙ୍କ ଭିତରେ ପ୍ରସ୍ଫୁଟିତ ହେଉଥିଲା । ତାଙ୍କ ନିକଟରେ ସବୁଠୁ କଷ୍ଟକର ସମାଧାନ ଓ ସମସ୍ୟାକୁ ବୁଝିବା ପାଇଁ ତଥା ଅଲ୍ଲାଃ ତାଲାଙ୍କ ନିକଟକୁ ନେଇ ଯାଉଥିବା ମାର୍ଗ ସମ୍ପର୍କରେ ଜାଣିବାର ଯେଉଁ ଏକମାତ୍ର ପନ୍ଥା ରହିଥିଲା ତାହା ଖିଲାଫତ୍ ଥିଲା । ଇବ୍ରାହିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୋ ପିତାଙ୍କର କଥନ ଓ କାର୍ଯ୍ୟ ସମ୍ପୁର୍ଣ୍ଣ ରୂପେ ସତ୍ୟ ଉପରେ ଆଧାରିତ ରହୁଥିଲା । ସତ୍ୟକୁ କେବେ ହାତଛଡ଼ା କରୁନଥିଲେ । ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ସର୍ବଦା ପ୍ରାର୍ଥନା ଓ ଅଲ୍ଲାଃ ତାଲାଙ୍କର ନିକଟରେ କାକୁତିମିନତି ହେବା ତାଙ୍କର ବିଶେଷ ଗୁଣ ଥିଲା । ତାଙ୍କୁ ଯଦି କେହି କହୁଥିଲେ ଯେ ଆପଣ ମତେ ଉପଦେଶ ଦିଅନ୍ତୁ ସେତେବେଳେ ସେ ଉକ୍ତ ବ୍ୟକ୍ତିକୁ ଉତର ଦେଉଥିଲେ ଯେ, ପ୍ରଥମେ ଦୁଆ କର ଓ ଅଲ୍ଲାଃ ତାଲାଙ୍କଠାରୁ ସିରାତେ ମୁସ୍ତକିମ୍ ଅର୍ଥାତ ସଳଖ ମାର୍ଗର ଅଭିଳାଷି ହୁଅ । ଉପସ୍ଥିତ ଖଲିଫାଙ୍କ ନିକଟକୁ ଦୁଆ ପାଇଁ ପତ୍ର ଲେଖ । ଫତିହି ସାହେବ ଗଭୀରଜ୍ଞାନ ଓ ବିସ୍ତୃତ ଧାରଣାର ଅଧିକାରି ଥିଲେ, ଗଭୀର ଅଧ୍ୟୟନ କରୁଥିଲେ ଏବଂ ସମସ୍ତ ଜ୍ଞାନ ସେ, ଧର୍ମ ପୁସ୍ତକରୁ ହାସଲ କରୁଥିଲେ । ନୂତନ ନୂତନ ଚିନ୍ତାଧାରା ଓ ଗବେଷଣାକୁ ବୁଝିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସୂକ୍ଷ୍ମ ଓ ଗୃଢ଼ତତ୍ୱକୁ ଲୋକମାନଙ୍କୁ ବୁଝାଇବାରେ ସମୟ ଅତିବାହିତ କରୁଥିଲେ । ଦରସ୍ ତଦ୍‌ରିସ୍‌ରେ ତାଙ୍କର ବର୍ଣ୍ଣନା ଶୈଳୀ ଅତ୍ୟନ୍ତ ସୁନ୍ଦର ଥିଲା । ଏହି ସମୟରେ ବେଳେବେଳେ ସେ ମଜାଳିଆ କଥା ମଧ୍ୟ କରିଦେଉଥିଲେ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକକୁ ସର୍ବଦା ପାଠ କରୁଥିଲେ । ଜ୍ଞାନର ମୋତି ବାହାର କରି ତାହାକୁ ନିଜର ଦୈନନ୍ଦିନ ଜୀବନର ମାର୍ଗରେ ସାମିଲ କରୁଥିଲେ । ଜୁମା ଦିନ ନିଜର ବକ୍ତୃତାରେ ଏବଂ ଏମ୍‌ଟିଏର କାର୍ଯ୍ୟକ୍ରମରେ ଏହି ଗୃଢ଼ ତଥ୍ୟ ସମ୍ୱଳିତ ଜ୍ଞାନକୁ ବର୍ଣ୍ଣନା କରୁଥିଲେ । ଧର୍ମ ସେବା କରିବାକୁ ତାଙ୍କର ପ୍ରବଳ ଉତ୍କଣ୍ଠା ରହିଥିଲା । ଚିକିତ୍ସାଳୟରେ ଯେତେବେଳେ ସେ ଅସୁସ୍ଥ ହୋଇପଡ଼ିଲେ ସେତେବେଳେ ତାଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହୋଇଥିଲା । ଏହା ସତ୍ତ୍ୱେ ମଧ୍ୟ ନର୍ସମାନଙ୍କୁ ତବ୍‌ଲିଗ୍ କରୁଥିଲେ, ବାର୍ତା ପହଂଚାଉଥିଲେ । ସେ ଯେଉଁ ଉଚ୍ଚ ଚରିତ୍ରବତାର ଲୋକମାନଙ୍କୁ ଉପଦେଶ ଦେଉଥିଲେ, ସେ ନିଜେ ପ୍ରଥମେ ଘରେ ତାହା ଉପରେ କାର୍ଯ୍ୟାନୁସରଣ କରୁଥିଲେ । ସୁଖ ଦୁଃଖ ସମୟରେ ଧର୍ମ ପରାୟଣତା ଓ ସତ୍ୟତା ସହିତ ସଂଶ୍ଳିଷ୍ଟ ରହୁଥିଲେ । ଅଲ୍ଲାଃ ତାଲାଙ୍କୁ ଭେଟିବା ପାଇଁ ସେ ବ୍ୟାକୁଳ ରହୁଥିଲେ ଏବଂ କହୁଥିଲେ ଯେ, ଏହି ଭବ ସଂସାରର କୌଣସି ମୂଲ୍ୟନାହିଁ ଏହି ସଂସାରରେ ପରକାଳ ନିମନ୍ତେ କର୍ମ କରିବା ହିଁ ପ୍ରକୃତ ମୋକ୍ଷ ଅଟେ । ଅଲ୍ଲାଃ ତାଲାଙ୍କୁ ସାକ୍ଷାତ କରିବାରେ ମଣିଷକୁ ଅଭିରୁଚି ରଖିବା ଉଚିତ । ଫତିହି ସାହେବଙ୍କ ସୁପୁତ୍ର କୁହନ୍ତି, ଶେଷ ଦିନରେ ଯେତେବେଳେ ସେ ମତେ ଚିନ୍ତିତ ଦେଖାଗଲେ ସେତେବେଳେ ସେ କହିଲେ, ଯେ ମୋ ନିକଟରେ ବସି ସୁରାଃ ଫାତିହା ଓ ଦରୁଦ୍ ଶରିଫ୍ ବାରମ୍ବାର ପାଠ କର । କାରଣ ରୋଗରୁ ଉପଷମ ଓ ଆରୋଗ୍ୟ ଲାଭ କରିବା ଅଲ୍ଲାଃ ତାଲାଙ୍କ ନିକଟରେ ରହିଛି ।

ସେ ହିଁ ସ୍ୱାସ୍ଥ୍ୟ ପ୍ରଦାନ କରଥାନ୍ତି ମଣିଷକୁ । ଅତଏବ ଅଲ୍ଲାଃ ତାଲାଙ୍କ ଅନୁମତି ଦ୍ୱାରା ହିଁ ଔଷଧ ଫଳପ୍ରଦ ହୋଇଥାଏ ଅନ୍ୟଥା ଏହାର କୌଣସି ଅସ୍ତିତ୍ୱ ନାହିଁ । ମୁଁ ସଂସାର ସମ୍ପର୍କରେ କୌଣସି ଭୃକ୍ଷେପ କରେନାହିଁ ବରଂ ମୁଁ ଅଲ୍ଲାଃ ତାଲାଙ୍କୁ ଭେଟିବାର ଅଭିଳାଷି । ଫତିହି ସାହେବଙ୍କର ଏହି ସୁପୁତ୍ର କୁହନ୍ତି, ମୋ ମାତାଶ୍ରୀ ବର୍ଣ୍ଣନା କରନ୍ତି, ମୋ ସ୍ୱାମୀ ସର୍ବଦା ଯମାତ୍‌ର ସେବାକୁ ଅନ୍ୟ କାର୍ଯ୍ୟ ଉପରେ ପ୍ରାଧାନ୍ୟ ଦେଇଥିଲେ । ସେ ଅଧିକାଂଶ ସମୟ ତବ୍‌ଲିଗ୍ କାର୍ଯ୍ୟରେ ନିଜକୁ ବିନିଯୋଗ କରୁଥିଲେ । ଏହି କଲ୍ୟାଣ ଯୋଗୁଁ ଅଲ୍ଲାଃ ତାଲା ମଧ୍ୟ ଆମର ସନ୍ତାନମାନଙ୍କର ଚମତ୍କାର ଭାବରେ ସୁରକ୍ଷିତ ରଖି ସମସ୍ତ ବିପତିରୁ ଆମକୁ ଉଦ୍ଧାର କରିଛନ୍ତି ।

ଡ଼ାକ୍ତର ହାତିମ୍ ହୁଲମି ଶାଫି ସାହେବ କୁହନ୍ତି, ଆମର ଭାଇ ଓ ସମ୍ମାନନୀୟ ଶିକ୍ଷକ ଶ୍ରୀଯୁକ୍ତ ଫତିହି ଅବ୍‌ଦୁସ୍ ସଲାମ୍ ସାହେବ ପ୍ରକୃତରେ ଏଭଳି ଲୋକମାନଙ୍କ ମଧ୍ୟରୁ ଜଣେ ଯାହାଙ୍କ ସମ୍ପର୍କରେ ଅଲ୍ଲାଃ ତାଲା କହିଛନ୍ତି, ବିଶ୍ୱାସକାରୀଙ୍କ ମଧ୍ୟରୁ କେତେକ ଲୋକ ଏପରି ଅଛନ୍ତି ଯେଉଁମାନେ ଅଲ୍ଲାଃ ତାଲାଙ୍କ ସହିତ କରିଥିବା ଅଙ୍ଗୀକାରକୁ ପୂରଣ କରିଦେଲେ । ଡ଼ାକ୍ତର ହାତିମ୍ ସାହେବ କୁହନ୍ତି ତାଙ୍କ ବୟତ ଠାରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ଅବଧିରେ ମୁଁ ସ୍ୱର୍ଗତଙ୍କୁ ଏକ ଅଭୁତପୂର୍ବ ବ୍ୟକ୍ତି ରୁପେ ପାଇଛି । ଅଲ୍ଲାଃ ତାଲାଙ୍କ ସିଫାତ୍, ବିଶେଷଗୁଣ ଓ ଏକେଶ୍ୱରବାଦର ସେ ପାଗଳ ପ୍ରେମୀ ଥିଲେ । ରସୁଲେ୍ କରିମ୍ ସ:ଆ:ସ ଓ ପବିତ୍ର କୁର୍‌ଆନ୍ କରିମ୍‌ର ପ୍ରେମୀ ଥିଲେ । ସୁରାଃ ଫାତିହାର ପ୍ରେମୀ ଓ ସେଥିରେ ମଗ୍ନ ରହୁଥିବା ବ୍ୟକ୍ତି ଥିଲେ । ନିଜର ବହୁ ମୂଲ୍ୟ ଦରସ୍‌ରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତଫ୍‌ସିର୍, ସୁରାଃ ଫାତିହାର ଆକାଶରେ ଉଡୁଥିବାର ସେ ନିଜକୁ ଅବଲୋକନ କରୁଥିଲେ ।

ଉଦ୍ଧୁନ୍‌ରୁ ହୁସୈନ ଅଲୀ ମିଶ୍‌ରି ସାହେବ ଉଲ୍ଲେଖ କରିଛନ୍ତି, ଫତିହି ସାହେବ ହଜ୍‌ରତ୍ ମସିହ ମଉଦ୍ ଆ:ସ ଏବଂ କାଦିୟାନର ପ୍ରେମୀ ଥିଲେ । ଖିଲାଫତ୍ ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଥିଲା । ଜଣେ ଶିକ୍ଷିତ, ବିଦ୍ୱାନ ବ୍ୟକ୍ତି ଥିଲେ ପୁନଶ୍ଚ ସେ ନିଜର ଏକ ଘଟଣା ବର୍ଣ୍ଣନା କରି କୁହନ୍ତି, ୨୦୧୮ ମସିହାରେ କାଦିୟାନ୍ ଜଲ୍‌ସା ସାଲାନାରେ ସେ ଓ ଫତିହି ସାହେବ ଉଭୟ ମିଳିତ ଭାବରେ ଅଂଶ ଗ୍ରହଣ କରିଥିଲେ । ମୁଁ ଯେତେବେଳେ କାଦିୟାନ୍‌ରେ ପହଂଚିଲି ସେତେବେଳେ ମତେ ସରାୟେ ୱସିମ୍‌ରେ ରହିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ଅତଏବ ଫତିହି ସାହେବ ସେଠାରେ ମତେ ଅତ୍ୟନ୍ତ ସ୍ନେହ ଓ ଆଦରର ସହିତ ଭେଟିନ୍ତି ଓ ଜଲ୍‌ସାର କାର୍ଯ୍ୟକ୍ରମ ପରେ ରାତ୍ର ସମୟରେ ମୋ ସହିତ ବରାହିନେ ଅହେମଦିୟା ବିଷୟବସ୍ତୁ ଉପରେ ବାର୍ତାଳାପ ଆରମ୍ଭ କରିଦେଉଥିଲେ । ସେ କାଦିୟାନକୁ ବହୁତ ଭଲ ପାଉଥିଲେ ଏବଂ କହୁଥିଲେ ଏହି ବସ୍ତି ହେଉଛି ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ବସ୍ତି । ଆମେମାନେ ଦୁହେଁ ମିଶି କାଦିୟାନର ପବିତ୍ର ବସ୍ତି ଦେଖିଛେ ମୁଁ ଆଶ୍ଚର୍ଯ୍ୟ ଚକିତ ହେଉଥିଲି ଯେ, ସ୍ୱର୍ଗତ ଫତିହି ସାହେବ କାଦିୟାନର ପ୍ରତ୍ୟେକ ସ୍ଥାନ ଓ ତା'ର ଇତିହାସର ବିସ୍ତୃତ ଧାରଣା ତାଙ୍କ ନିକଟରେ ରହିଥିଲା । ଯେଉଁ ଦିନ ସେ କାଦିୟାନରୁ ବିଦାୟ ନେଉଥିଲେ ଆମେମାନେ ଫଜର୍ ନମାଜ ପରେ ବୟତୁଲ୍ ଜିକର୍ ଓ ବୟତୁଲ୍ ଦୁଆ ଗଲୁ । ସେଠାରେ ମୁଁ ତାଙ୍କର ବିନମ୍ର ଭାବ ଏବଂ ଭକ୍ତିକୁ ଦେଖି ଆଉ ନିଜକୁ ରୋକି ପାରିଲି ନାହିଁ । ସେଠାରୁ ଦୁଆ କରିବା ପରେ ଯେତେବେଳେ ଆମେ ବହସ୍ତି ମକ୍‌ବରା ଛକ ପାଖରେ ପହଂଚିଲୁ ସେତେବେଳେ ସେ ଆଶ୍ଚର୍ଯ୍ୟ ଓ ହତ୍‌ବାକ୍ ହୋଇ ଏଣେତେଣେ ଦେଖିବାକୁ ଲାଗିଲେ । ପୁନଶ୍ଚ କିଛି କ୍ଷଣ ପରେ ମୁଁ ପଚାରିବାରୁ ସେ କାନ୍ଦିବାକୁ ଲାଗିଲେ ଏବଂ ତାଙ୍କର ହେଙ୍କା ଉଠିଗଲା । ପୁନଶ୍ଚ ଭୁମି ଉପରେ ସିଜ୍‌ଦାରେ ପଡ଼ିଗଲେ ଏବଂ ଆକାଶ ଆଡ଼କୁ ହାତ ଉଠାଇ ପ୍ରକମ୍ପିତ ସ୍ୱରରେ କହିଲେ, ହେ ପ୍ରଭୁ ତୁମେ ଜାଣ ନିଜର ପ୍ରୀୟ ପ୍ରିତିବେଶିତ୍ୱରେ ରହିବା ମୋତେ ଅଧିକ ଶ୍ରେୟସ୍କର ମନେ ହୋଇଥାଏ । ହେ ପ୍ରଭୁ ତୁମେ ଜାଣ ମୁଁ ଏଠାରେ ହିଁ ରାତ୍ର ଯାପନ କରିବାକୁ ଚାହୁଁଛି କିନ୍ତୁ କିଛି କ୍ଷଣ ପରେ ଆମର ବିଦାୟ ସମୟ ଆସିଯିବ । କାରଣ ତାଙ୍କୁ ଏହି ସୁଚନାଟି ପ୍ରାପ୍ତ ଥିଲା ଯେ, ଆଜି ତାଙ୍କୁ ଫେରିବାକୁ ହେବ ତାଙ୍କର ଏହି ଘଟଣାଟି ସେହି ଦିନର ତେଣୁ ତୁମେ ହି ପ୍ରତ୍ୟେକ ବସ୍ତୁକୁ ଆୟତ କରିଥାଅ ଓ ତୁମର ଆଧିପତ୍ୟ ରହିଛି, ପ୍ରତ୍ୟେ କାର୍ଯ୍ୟ ତୁମ ହାତ ମୁଠାରେ ରହିଛି, ତୁମ ଆଦେଶ ଦ୍ୱାରା ହିଁ ସବୁକିଛି ସମ୍ଭବପର ତେଣୁ ତୁମେ ଇତି ମଧ୍ୟରେ କିଛି ପରିବର୍ତନ କର ହେ ପ୍ରଭୁ ମୋର ଯାତ୍ରାକୁ ବାତିଲ କରିଦିଅ କାରଣ ମୁଁ ଆଉ କିଛି ଦିନ ଏଠାରେ ଅତିବାହିତ କରିବାକୁ ଚାହୁଁଛି । ମୋ ଚକ୍ଷୁକୁ ଶିତଳ କରିବାକୁ ଚାହୁଁଛି । ସେ ଯାହା ହେଉ ନା କାହିଁକି ଘଟଣାଟି ଏହିପରି ଥିଲା ଯେ, ଗାଡ଼ି ଆସିଲା ଓ ସେହି ଦିନ ତାଙ୍କୁ ଏହା କୁହାଯାଇଥିଲା ଯେ ଆଜି ତାଙ୍କର ସିଟ୍ ବୁକିଙ୍ଗ ରହିଛି । ତେଣୁ ଫତିହି ସାହେବ ନିଜର ଜିନିଷ ତହିଁରେ ଲଦି ଦେଲେ, କିଛି କ୍ଷଣ ପରେ ମୁଁ ସରାୟେ ୱସିମ୍‌ରେ ଫତିହି ସାହେବଙ୍କ ଶବ୍ଦ ଗୁଞ୍ଜରିତ ହେବାର ଶୁଣିଲି । ସେ ଅଲ୍ଲାହୁ ଅକ୍‌ବର କହିଲେ ଓ ତା'ପରେ ଏକଥା କହିଲେ ଯେ, ମୋର ଅଶେଷ ଦୟାବାନ ପ୍ରଭୁ ମୋ ଉପରେ ଦୟାବତୀର୍ଣ୍ଣ କରିଛନ୍ତି । ମୋ ଦୁଆକୁ ସ୍ୱୀକାର କରିଛନ୍ତି ମୋ ଯାତ୍ରାକୁ ବାତିଲ୍ କରିଦେଇଛନ୍ତି । ଅଲ୍ଲାଃ ତାଲାଙ୍କ ପ୍ରଶଂସା ଓ କୃତଜ୍ଞତାରେ ଅଭ୍ୟସ୍ତ ଥିଲେ ଯେ, ମୁଁ ଯେତେବେଳେ ତହିଁରୁ ତଳକୁ ଓହ୍ଲାଇଲି ସେତେବେଳେ ସେ ମତେ ଖୁବ୍ ଜୋର୍‌ରେ ଆଲିଙ୍ଗନ କଲେ । ଫତିହି ସାହେବ କହିଲେ ଆପଣ ଦେଖିଲେ ଅଲ୍ଲାଃ ତାଲା କିଭଳି ଆମ ପ୍ରୀୟ ମସିହ୍ ମଉଦ୍ ଆ:ସଙ୍କର କଲ୍ୟାଣ ମାଧ୍ୟମରେ ଆମର ଦୁଆ ଗ୍ରହଣ କଲେ ଏବଂ ସେ କିଭଳି ଦୁଆ ର ଫଳ ପ୍ରଦାନକାରୀ । ପୁନଶ୍ଚ ତାଙ୍କ ଚକ୍ଷୁରେ ଲୁହ ଝରି ପଡ଼ିଲା ତାଙ୍କୁ ଦେଖି ମୁଁ ମଧ୍ୟ ଲୋତକାପୁତ ହୋଇଗଲି । ସେ କହିବାକୁ ଲାଗିଲେ ଯେ, ମୁନ୍‌ତଜମୀନ୍ ଅର୍ଥାତ ଆୟୋଜକଙ୍କୁ ଭ୍ରମ ଲାଗିଥିଲା ଯେ, ଆଜି ମୋର ଫ୍ଲାଇଟ ଅଛି କିନ୍ତୁ ପ୍ରକୃତରେ ଆଜି ମୋର ଫ୍ଲାଇଟ୍ ନାହିଁ ବରଂ କାଲି କିମ୍ବା ପରଦିନ ଅଛି । ସେ କୁହନ୍ତି ଯେ, ଫତିହି ସାହେବଙ୍କୁ ନିଜ ମୃତ୍ୟୁ ସମ୍ପର୍କରେ ମଧ୍ୟ ଜ୍ଞାତ ହୋଇଯାଇଥିଲା । ଏହାର ପରିପ୍ରକାଶ ସେ ହୁସୈନ୍ ସାହେବଙ୍କ ନିକଟରେ କରିଥିଲେ । ସେ ଏମ୍‌ଟିଏ ପାଇଁ ଯେଉଁ କାର୍ଯ୍ୟକ୍ରମ କରୁଥିଲେ ସେଥିପାଇଁ ସେ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ଯେ, ବର୍ତମାନ କିଭଳି ଭାବରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ଏକ ଶୂନ୍ୟବାଣୀ ହୋଇଥିଲା **"ୟଦ୍‌ଉନା ଲକା ଅବ୍‌ଦାଲୁଶ୍ ଶାମି ୱ ଇବାଦୁଲ୍ଲାହି ମିନଲ୍ ଅରବ୍** ଅର୍ଥାତ ତୋ ପାଇଁ ଅବ୍‌ଦାଲେ ଶାମ୍ ଅର୍ଥାତ ସିରିୟାର ସନ୍ଥମାନେ ଓ ଇବାଦୁଲ୍ଲାଃ ଅର୍ଥାତ ଆରବର ଭକ୍ତମାନେ ଦୁଆ କରୁଛନ୍ତି । ହଜ୍‌ରତ୍ ମସିହ ମଉଦ୍ ଆ:ସ ଉଲ୍ଲେଖ କରିଛନ୍ତି: "ଅଲ୍ଲାଃ ତାଲା ଜାଣନ୍ତି ଯେ ଏହା କେଉଁ ପ୍ରକାରର ମାମଲା ଏବଂ କେଉଁ ପ୍ରସଙ୍ଗରେ ହେଉଛି ଓ ଏହାର ପାଦୁର୍ଭାବ କେବେ ଓ କିପରି ହେବ । **ୱଲାହୁ ଆଲମୁ ବିସ୍ ସୱାବ୍" (ତଜ୍‌କରାଃ, ଏଡ଼ିଶନ୍-୪, ପୃ-୧୦୦)** ସେହି ଐଶ୍ୱର୍ଯ୍ୟମୟ ପ୍ରଭୁ ହିଁ ଜାଣନ୍ତି ।

ସେ ଯାହା ହେଉ ନା କାହିଁକି ଆମେମାନେ ଏହା ଅବଲୋକନ କରୁଛେ ଯେ ଅଲ୍ଲାଃ ତାଲାଙ୍କ କୃପାରୁ ଯେଉଁଠି ମଧ୍ୟ ଅବତୀର୍ଣ୍ଣ ହେଉଛି ଅର୍ଥାତ ଆରବ ଦେଶରେ ଯେଉଁଠି ବି ଯମାତ୍ କାଏମ୍ ହେଉଛି ସେମାନଙ୍କ ମଧ୍ୟରେ, ବର୍ତମାନ ମୁଁ ଯେଉଁ ଫତିହି ସାହେବଙ୍କର ଉଦାହରଣ ଦେଲି ଏହା ସାମନାକୁ ଆସିଛି ଯେ, ଅଲ୍ଲାଃ ତାଲା କିଭଳି ଭାବରେ ଆରବବାସୀଙ୍କ ମଧ୍ୟରେ ନିଷ୍ପାପର ଭାବ ସୃଷ୍ଟି କରିଛନ୍ତି ଓ ସେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ସଲାମ୍ ପ୍ରେରଣ କରୁଛନ୍ତି ତାଙ୍କ ପାଇଁ ଦୁଆ ରେ ଅଭ୍ୟସ୍ତ ରହୁଛନ୍ତି ତାଙ୍କୁ ପ୍ରେମ ଓ ସ୍ନେହ ଆଦର କରୁଛନ୍ତି ଏବଂ ତାହାର ପରିପ୍ରକାଶ ମଧ୍ୟ କରୁଛନ୍ତି । ଉକ୍ତ କଥା ସମ୍ପର୍କରେ ସାକ୍ଷ୍ୟ ପ୍ରଦାନ କରି ହାତିମ୍ ସାହେବ ଉଲ୍ଲେଖ କରିଛନ୍ତି, ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସ ଓ ଆପଣଙ୍କର ପୁସ୍ତକ ଏବଂ କବିତାବଳୀରୁ ଫତିହି ସାହେବଙ୍କ ପ୍ରେମର ପରାକାଷ୍ଠା ଅବର୍ଣ୍ଣନୀୟ ପତିତ ହୁଏ ।

ଖିଲାଫତ୍ ସହିତ ପ୍ରେମ ଓ ଆଜ୍ଞାପାଳନ ଓ ସମ୍ମାନ ପ୍ରଦର୍ଶନ ତାଙ୍କର ପ୍ରତ୍ୟେକ କଥନ ଓ ଆଚରଣରୁ ବ୍ୟକ୍ତ ହେଉଥିଲା । ତାଙ୍କର ଏହି ବିଶ୍ୱାସଟି ବେଶ୍ ସୁଦୃଢ଼ ରହିଥିଲା ଯେ, ଖିଲାଫତ୍ ଅଲ୍ଲାଃ ତାଲାଙ୍କର ଏକ ମହତ୍ୱ ପୂର୍ଣ୍ଣ ପୁରସ୍କାର । ଏଥିଯୋଗୁଁ ସେ ଅଲ୍ଲାଃ ତାଲାଙ୍କର ପ୍ରଶଂସା ଓ ମହିମା ଗାନ କରୁଥିଲେ ଏବଂ ଏହି ଦଉଡ଼ିକୁ ବେଶ୍ ଭଲ ଭାବରେ ଜାବୁଡ଼ି ଧରିଥିଲେ । ଖିଲାଫତ୍‌ର ଆଜ୍ଞାପାଳନ ପ୍ରତି ନିଜକୁ ହଜାଇ ଦେଇଥିଲେ ଏଭଳି ପ୍ରେମୀ ଓ ସ୍ନେହ ପୂର୍ଣ୍ଣ ବ୍ୟକ୍ତି ଯିଏ ହଜୁରଙ୍କୁ ସାକ୍ଷାତ କଲାବେଳେ ତାଙ୍କ ଆଖିରୁ ଲୋତକ ଝରି ପଡୁଥିଲା । ତାହା ତାଙ୍କ ଆଚରଣରୁ ଦୃଶ୍ୟମାନ ହେଉଥିଲା । ଉପସ୍ଥିତ ଖଲିଫାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଓ ତାଙ୍କ ପ୍ରତି ପ୍ରେମ ଓ ଅନୁରାଗର ପରିପ୍ରକାଶ ସମସ୍ତଙ୍କଠାରୁ ଭିନ୍ନ ଥିଲା । ସେ ଯେତେବେଳେ ମୋ ନିକଟକୁ କୌଣସି ପ୍ରମାଣ କିମ୍ବା ଜ୍ଞାନ ଭିର୍ତିକ ବିଷୟବସ୍ତୁ ଧରି ଆସୁଥିଲେ ସେତେବେଳେ ମୁଁ ଯଦି ତାହାକୁ ବୁଝି ପାରୁନଥିଲି କିମ୍ବା ମୁଁ ତାହାକୁ ରଦ୍ଧ କରିଦେଉଥିଲି ଅଥବା ଅଧିକ ଗବେଷଣା କରିବାପାଇଁ କହୁଥିଲି ସେତେବେଳେ ସେ ପୂର୍ଣ୍ଣ ସହୃଦୟତାର ସହ ତାହାକୁ ସ୍ୱୀକାର କରିନେଉଥିଲେ ଏବଂ ସେହିପରି ହିଁ କରୁଥିଲେ । ସେ ଖିଲାଫତ୍‌ର ଉତ୍ସର୍ଗୀ ଓ ସୁଲ୍‌ତାନେ ନସିର୍ ଥିଲେ ।

ଉସ୍‌ମାନ୍ ଅବ୍‌ଦୁଲ୍ଲ ଅଜିମ୍ ସାହେବ ଉଲ୍ଲେଖ କରିଛନ୍ତି ଫତିହି ସାହେବ ଜଣେ ବହୁତ ବଡ଼ ବିଦ୍ୱାନ ବ୍ୟକ୍ତି ଥିଲେ । ବୟସରେ ସେ ମୋ'ଠାରୁ ବଡ଼ ଥିଲେ ତଥାପି ସେ ଅତ୍ୟନ୍ତ ବିନିତ ଭାବ ପ୍ରଦର୍ଶନ କରୁଥିଲେ । ବିନମ୍ରତା ସ୍ୱଭାବର ଅଧିକାରୀ ଥିଲେ । ଆମମାନଙ୍କ ମଧ୍ୟରୁ ସବୁଠାରୁ ଛୋଟ ବୟସର ବ୍ୟକ୍ତି ସହିତ ସେ ଅତ୍ୟନ୍ତ ସଭ୍ୟତା ଓ ଶାଳୀନତାର ସହ ଆଚରଣ ପ୍ରଦର୍ଶନ କରୁଥିଲେ ଏବଂ ସାନମାନଙ୍କର ପରାମର୍ଶକୁ ମଧ୍ୟ ଗ୍ରହଣ କରୁଥିଲେ । ଉଚ୍ଚାଭୀଳାଷୀ ଓ ସାହାସି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଯଦି କୌଣସି ବ୍ୟକ୍ତି ସହିତ ତାଙ୍କର ବଚସା କିମ୍ବା ଅତ୍ୟାଚାର ହୋଇଯାଉଥିଲା ସେତେବେଳେ ସେ ସର୍ବ ସମ୍ମୁଖରେ ଅତ୍ୟନ୍ତ ବିନମ୍ରତାର ସହିତ ତା ନିକଟରେ କ୍ଷମା ଜାଚନା କରୁଥିଲେ । ତା'ର କପାଳକୁ ଚୁମ୍ବନ କରୁଥିଲେ । ସ୍ୱର୍ଗତ ଇସ୍‌ଲାମ୍ ଧର୍ମକୁ ବହୁତ ଭଲ ପାଉଥିଲେ । ଅହେମଦି ଯୁବକ ମାନଙ୍କୁ ଯମାତ୍‌ର ଏଭଳି ସେବକ ଓ ସିପାହୀ କରିବାର ଅଭିଳାଷୀ ଥିଲେ ଯେ ଯେମିତି ସେହି ଯୁବକମାନଙ୍କ ମଧ୍ୟରେ ଜ୍ଞାନ ଥିବ ଓ ଆଧାତ୍ମିକ ଭାବ ମଧ୍ୟ ଥିବ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଆମମାନଙ୍କୁ ଉପଦେଶ ଦେଉଥିଲେ । ଯମାତ୍‌ର କର୍ତବ୍ୟ ପ୍ରତି ଆମମାନଙ୍କର ଧ୍ୟାନ ଆକର୍ଷିତ କରୁଥିଲେ । ଯଦି କେହି ତାଙ୍କ ପ୍ରତି ଅସଭ୍ୟ ଆଚରଣ ବା ଅଶ୍ଳିଳତା ପ୍ରଦର୍ଶନ କରୁଥିଲା, ଅହଙ୍କାରରେ କଥାବାର୍ତା କରୁଥିଲା ତେବେ ସେ ପ୍ରସଙ୍ଗରେ ସେ କ୍ରୁରତାମୂଳକ ବା କଠୋର ଉତର ମଧ୍ୟ ଦେଉନଥିଲେ । ମୋ ଜ୍ଞାତସାରରେ ମଧ୍ୟ ଏହି କଥା ରହିଛି ଯେ, କେତେକେ ଲୋକମାନେ ତାଙ୍କୁ ଅତ୍ୟନ୍ତ ଦୁଃଖକଷ୍ଟ ଦିଅନ୍ତି, ସେ ତାହାର ପ୍ରତିକ୍ରିୟାରେ କଠୋର ଭାବ ପ୍ରଦର୍ଶନ କରୁନଥିଲେ କିନ୍ତୁ ସାମୟିକ ରୂପେ ଯଦି ତାଙ୍କ ତୁଣ୍ଡରୁ କୌଣସି କଠୋର ଶବ୍ଦ ବାହାରି ଯାଉଥିଲା ତେବେ ସେ କ୍ଷମା ମଧ୍ୟ ମାଗିନେଉଥିଲେ । ବେଳେବେଳେ ମତେ ମଧ୍ୟ ପତ୍ର ଲେଖୁଥିଲେ, ମୁଁ ସେହି ବ୍ୟକ୍ତି ସହିତ ଅମୁକ କଥା କରିବସିଛି ତାକୁ କ୍ଷମା ମଧ୍ୟ ମାଗି ନେଇଛି ତେବେ ଏହିଭଳି ଉତ୍ସାହ ଖୁବ୍ କମ୍ ଲୋକଙ୍କ ଠାରେ ଦେଖିବାକୁ ମିଳିଥାଏ ।

ତମିମ୍ ସାହେବ ଉଲ୍ଲେଖ କରିଛନ୍ତି, ଅନେକ ଲୋକ କହିଛନ୍ତି ଯେ, ଇସ୍‌ଲାମ୍ ଧର୍ମରେ କୌଣସି କାର୍ଯ୍ୟ ଖିଲାଫତ୍ ବ୍ୟତିରିକେ ସଠିକ୍ ହୋଇପାରିବ ନାହିଁ । ଆମମାନଙ୍କୁ ଯେଉଁ ବସ୍ତୁର ଆବଶ୍ୟକତା ରହିଛି ତାହାକୁ

ଆମେ ଅନ୍ୟ ଦିଗ କିମ୍ବା ଚିନ୍ତାଧାରା ଆଡ଼କୁ ମୁହାଁଇବା ଉଚିତ ନୁହେଁ । ବରଂ ଆମମାନଙ୍କୁ ଖିଲାଫତ୍‌ର ଆବଶ୍ୟକତା ରହିଛି । ଯିଏ ମତ ପାର୍ଥକ୍ୟର ବିଚାର କରନ୍ତି ଅଲ୍ଲାଃ ତାଲାଙ୍କ ମାର୍ଗଦର୍ଶନ ଅନୁଯାୟୀ ସେ ଆମର ମାର୍ଗଦର୍ଶନ କରିଥାନ୍ତି । ସ୍ୱର୍ଗତ ଏହିପରି ପ୍ରତ୍ୟେକ କଥାକୁ ତ୍ୟାଗ କରିବାପାଇଁ ପ୍ରସ୍ତୁତ ରହୁଥିଲେ ଯେଉଁ କଥାକୁ ଆମର ପ୍ରୀୟ ଉପସ୍ଥିତ ଖଲିପା ପସନ୍ଦ କରୁନଥିଲେ । ସେ ଯେତେବେଳେ ବି ହଜୁରଙ୍କୁ ସାକ୍ଷାତ କରିବାକୁ ଆସୁଥିଲେ ସେତେବେଳେ ସେ ଅତ୍ୟନ୍ତ ଅଭୁଦପୂର୍ବ ଆନନ୍ଦ ଓ ଉଲ୍ଲାସ ଓ ଖୋଲାମନରେ ଆସୁଥିଲେ ଏବଂ ହଜୁରଙ୍କୁ ଭେଟିବା ପରେ ତାଙ୍କର ଆଚରଣ ଭିନ୍ନ ରକମର ରହୁଥିଲା । ସେ ଅତ୍ୟନ୍ତ ଉତ୍ସାହ ଏବଂ ପ୍ରେମର ସହ ସାକ୍ଷାତ କରୁଥିଲେ, ସେହି ସାକ୍ଷାତରେ ହୋଇଥିବା କଥାବାର୍ତା ମଧ୍ୟ ଚର୍ଚ୍ଚା କରୁଥିଲେ ।

ପାଲେଷ୍ଟାଇନ୍‌ର ଜଣେ ମହିଳା ଯାହାଙ୍କ ନାମ ସମାହ୍ ସାହେବା, ସେ କୁହନ୍ତି ମୁଁ ସ୍ୱପ୍ନରେ ଯାହା ଦେଖିଥିଲି ତାହା ମତେ ବାସ୍ତବ ମନେ ହେଉଥିଲା କି ମୁଁ ମୋ ଭଉଣୀ ସହିତ ବସିଥିଲି ଯେ, ସ୍ୱପ୍ନରେ ସେ ଦେଖୁଛନ୍ତି ଯେ ମୋ ଭଉଣୀ ମତେ କହିଲା ଯେ, ତାଙ୍କୁ ଜଣେ କେହି ମହିଳା କହିଲେ ଯେ ଅଲ୍ଲାଃଙ୍କର ଜଣେ ଫରିସ୍ତା ଗୋଟିଏ ସଭାରେ ଅହେମଦିମାନଙ୍କୁ ଘେରି ବସିଛନ୍ତି । ଯେତେବେଳେ ଫତିହି ସାହେବ ଆସିଲେ, ସେତେବେଳେ ଅଲ୍ଲାଃଙ୍କ ଫରିସ୍ତା ଫତିହି ସାହେବଙ୍କୁ କହିଲା ଯେ, ତୁମେ ଚମ୍ପେଲିର ସବୁଠାରୁ ସୁନ୍ଦର ଫୁଲ । ପ୍ରତ୍ୟୁତରରେ ମୁଁ ମୋ ଭଉଣୀକୁ କହିଲି ଯେ, ଫତିହି ସାହେବ କେଡ଼େ ପବିତ୍ର ବ୍ୟକ୍ତି ଅଟନ୍ତି । ଆରବିକ ଡ଼େସ୍କର ଇନ୍‌ଚାର୍ଜ ତାହେର୍ ନଦିମ୍ ସାହେବ କୁହନ୍ତି: ସ୍ୱର୍ଗତ ଫତିହି ସାହେବଙ୍କ ମଧ୍ୟରେ ଏହି ସୁଗୁଣ ରହିଥିଲା ଯେ, ସେ ବଡ଼ ବିଦ୍ୱାନ ହେବା ସତ୍ୱେ ମଧ୍ୟ ଅତି ବିନିତ ସ୍ୱଭାବର ପ୍ରତିମୂର୍ତୀ ଥିଲେ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଲେଖନୀ ପ୍ରତି ତାଙ୍କର ଏଭଳି ପ୍ରେମଶକ୍ତ ମୋହ ରହିଥିଲା ଯେ, ବରାହିନେ ଅହେମଦିୟା ପୁସ୍ତକକୁ କେତେଥର କେଜାଣି ଅଧ୍ୟୟନ କରିଥିବେ ଯେ ତାହାର ନୂତନ ଅର୍ଥ ଓ ସୂକ୍ଷ୍ମ ରହସ୍ୟ ବାହାର କରି ଉପସ୍ଥାପନ କରିଛନ୍ତି । ଏ ଦିଗରେ ଅନେକ କାର୍ଯ୍ୟକ୍ରମମାନ ମଧ୍ୟ ରେକର୍ଡ଼ କରାଇଛନ୍ତି ।

ଆମେମାନେ ସମସ୍ତେ ଜାଣୁ ଯେ ସେ ଇସ୍‌ଲାମର ଆଲୋକବର୍ତିକା ଥିଲେ । ତାଙ୍କର ଉଚ୍ଚ ସ୍ୱର ଥିଲା । ଜଲ୍‌ସା ସାଲାନାରେ ଶେଷ ଦିନରେ ସେ ଉତ୍ସାହ ପୂର୍ଣ୍ଣ ସ୍ଲୋଗାନ ଦେଉଥିଲେ । ତାଙ୍କ ସ୍ଲୋଗାନ୍‌ରେ ମଧ୍ୟ ଏକ ଉତ୍ସାହ ରହିଥିଲା ଏପରି ଲାଗୁଥିଲା ଯେପରି ତାଙ୍କ ଆଧାତ୍ମିକ ସ୍ୱର ଅଟେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗତଙ୍କ ଦୁଆ ତାଙ୍କ ସନ୍ତାନମାନଙ୍କ ସପକ୍ଷରେ ଗ୍ରହଣ କରନ୍ତୁ । ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ରଜିୟା ବେଗମ୍ ସାହିବାଙ୍କର । ସେ କାନାଡ଼ାର ପୂର୍ବତନ ମୁବ୍‌ଲିଗ୍ ଇନ୍‌ଚାର୍ଜ, ତଥା ସେରେଲିଓନ୍‌ର ପୂର୍ବତନ ମିଶ୍‌ନାରୀ ଇନ୍‌ଚାର୍ଜ ଖଲିଲ୍ ମୁବସିର୍ ସାହେବଙ୍କର ପତ୍ନୀ ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ୍ ।** ଖଲିଲ ସାହେବ ଉଲ୍ଲେଖ କରିଛନ୍ତି ଯେ ମୋର ପତ୍ନୀ ରଜିୟା ବେଗମ୍ ସାହିବା ତବ୍‌ଲିଗ୍‌ର କର୍ମ ଭୂମିରେ ଦୀର୍ଘ କାଳ ମୋ ସହିତ ସମସ୍କନ୍ଧ ଭାବରେ ଧୈର୍ଯ୍ୟ, ଉତ୍ସାହ, ସାହାସ ତଥା ଆବେଗପୂର୍ଣ୍ଣ ଭାବରେ ସାମିଲ ଥିଲେ । ବିଶେଷ କରି ଆଫ୍ରିକା ମହାଦେଶରେ ତାଙ୍କୁ ଭରପୂର ରୂପେ ଅତିଥି ସେବା ଓ ଧର୍ମ ସେବା ତଥା ଅନ୍ୟାନ୍ୟ ସେବା କରିବାକୁ ସୌଭାଗ୍ୟ ଲାଭ ହୋଇଛି । ସେ ଅନ୍ୟାବଶ୍ୟକ ଅଭିଳାଷା କରୁନଥିଲେ । ପ୍ରତ୍ୟେକ ପରିସ୍ଥିତିରେ ଧୈର୍ଯ୍ୟ ଓ କୃତଜ୍ଞତାର ସହିତ ୱକ୍‌ଫେ ଜିନ୍ଦଗୀ ସ୍ୱାମୀଙ୍କ ସହିତ ମିଶି ଧର୍ମ ସେବା କରିବାକୁ ସେ ଆଗେଇ ଆସୁଥିଲେ । ସ୍ୱର୍ଗତା ନିୟମିତ ଭାବରେ ଉପାସନା କରିବା, ଦାନ ଦେବା, ଆର୍ଥିକ ବଳିଦାନରେ ଯୋଗ ଦେବା ତାଙ୍କର ବିଶେଷ ଗୁଣ ରହିଥିଲା । ମୃତ୍ୟୁ ପୂର୍ବରୁ ସେ ନିଜର ସମସ୍ତ ଚାନ୍ଦା ପଇଠ କରିଦେଇଥିଲେ । ସ୍ୱର୍ଗତା ରଜିୟା ବେଗମ୍ ସାହିବା ୱ୍‌ସିୟତ କରିଥିଲେ । ମୃତକାଙ୍କ ପରିବାରରେ ଗୋଟିଏ ପୁତ୍ର ଓ ତିନିଜଣ ପୁତ୍ରୀ ରହିଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ସାଇରା ସୁଲ୍‌ତାନ୍ ସାହିବାଙ୍କର । ସେ ଡ଼ାକ୍ତର ସୁଲ୍‌ତାନ୍ ମୁବସିର୍ ସାହେବଙ୍କର ପତ୍ନୀ ଥିଲେ । ବିଗତ ଦିନ ହୃଦଘାତ ଯୋଗୁଁ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ୍ ।** ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତା ପାକିସ୍ତାନ ଲଜ୍‌ନା ଅନ୍ତର୍ଗତ ବିଭିନ୍ନ ବିଭାଗରେ ସେବା ସମ୍ପାଦନ କରିବାରେ ସୌଭାଗ୍ୟ ଅର୍ଜନ କରିଛନ୍ତି । ଖିଦ୍‌ମତେ ଖଲ୍‌କ ବିଭାଗରେ ବିଶେଷ ରୂପେ ଅଧିକ ସେବା କରିବାକୁ ସେ ସୌଭାଗ୍ୟ ଲାଭ କରିଥିଲେ । ତାଙ୍କର ସ୍ୱାମୀ ଡ଼ାକ୍ତର ସୁଲ୍‌ତାନ୍ ମୁବସିର୍ ସାହେବ ଉଲ୍ଲେଖ କରିଛନ୍ତି ଯେ, ସେ ଯମାତ୍ ଓ ଖିଲାଫତ୍‌ର ଜଣେ ବିଶ୍ୱସ୍ତା ମହିଳା ଥିଲେ । ସର୍ବଦା ପ୍ରସନ୍ନଚିତ ରହୁଥିଲେ । ଆମ ଘରେ ମସ୍‌ଜିଦ୍ ମୁବାରକ୍ ନିକଟରେ ରହିଥିଲା । ଯେତେବେଳେ ସ୍ୱର୍ଗତାଙ୍କ ବିବାହ ହେଲା ସେତେବେଳେ ତାଙ୍କର ଶାଶୁଙ୍କ ବିୟୋଗ ହୋଇସାରିଥିଲା । ତାଙ୍କର ଶ୍ୱଶୁର ମୌଲାନା ଦୋସ୍ତ୍ ମୁହମ୍ମଦ ଶାହିଦ୍ ସାହେବ ଜୀବିତ ଥିଲେ । ଶ୍ୱଶୁରଙ୍କ ସର୍ବଦା କନ୍ୟା ପରି ସେବା କରୁଥିଲେ, ତାଙ୍କର ସମସ୍ତ ଆବଶ୍ୟକତାର ଯତ୍ନ ଓ ଧାନ ରଖୁଥିଲେ । ତାଙ୍କ ନିକଟକୁ ଅତିଥିମାନଙ୍କର ଆଗମନ ହେଉଥିଲା ଏବଂ ଅତିଥିମାନେ ଦିନର ଯେ କୌଣସି ସମୟରେ ଆସିଲେ ବି ସେ ତାଙ୍କର ଭରପୂର ସେବା ସତ୍କାର କରୁଥିଲେ । ଜଣେ ୱକ୍‌ଫେ ଜିନ୍ଦଗୀଙ୍କ ବୋହୂ ହେବାର ଦାୟିତ୍ୱ ନିର୍ବାହ କରିଥିଲେ । ସେ ଅଭାବି, ଦରିଦ୍ରମାନଙ୍କୁ ବହୁତ ସାହାଯ୍ୟ କରୁଥିଲେ । ଏ ପ୍ରସଙ୍ଗରେ ମୁକ୍ତ ହସ୍ତରେ ଖର୍ଚ୍ଚ ମଧ୍ୟ କରୁଥିଲେ । ଏଥିପାଇଁ ବେଳେ ବେଳେ ତାଙ୍କୁ ଋଣଗସ୍ତ ହେବାକୁ ମଧ୍ୟ ପଡ଼ିଥିଲା । ବେଳେବେଳେ ସେ ନିଜର ଆଭୁଷଣମାନ ବିକ୍ରି କରି ଏହାକୁ ପୂରଣ କରୁଥିଲେ । କିନ୍ତୁ ପ୍ରତ୍ୟେକ ଦୃଷ୍ଟି କୋଣରୁ ସେ ଅଭାବି ଲୋକମାନଙ୍କ ସାହାଯ୍ୟ କରିବାପାଇଁ ଆଗେଇ ଆସୁଥିଲେ । ନିୟମିତ ଚାନ୍ଦା ପଇଠକାରିଣୀ ମହିଳା, ୱ୍‌ସିୟତ କରିଥିବା, ଆଭୁଷଣ ବିକ୍ରି କରି ଚାନ୍ଦା ପଇଠ କରିବା ମହିଳା ଥିଲେ । କେତେକ ଆହ୍ୱାନରେ ସେ କେବଳ ନିଜର ଗହଣା ଗାଣ୍ଠି ଦେଇ ସେଥିରେ ସାମିଲ ହେଉଥିଲେ । ନିଜର ସ୍ୱର୍ଗତ ପିତାମାତାଙ୍କ ପକ୍ଷରୁ ମଧ୍ୟ ଚାନ୍ଦା ପଇଠ କରୁଥିଲେ । ସ୍ୱଚ୍ଛ ଓ ପବିତ୍ର ମହିଳା, ଦୁଆକାରିଣୀ, ନିୟମିତ ନମାଜ ଏବଂ ତହ୍‌ଜୁଦ୍ ପାଠକାରୀ ଓ ରୋଜା ରଖୁଥିବା ମହିଳା ଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ, ଧୈଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସିରିୟାର ସମ୍ମାନନୀୟା ସ୍ୱର୍ଗତା ଗସ୍ସୁନଲ୍ ମୋଜମାନୀ ସାହିବାଙ୍କର । ସେ ଆଜିକାଲି ତୁର୍କୀରେ ରହୁଥିଲେ । ତାଙ୍କର ମଧ୍ୟ ବିଗତ ଦିନରେ ୩୯ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । **ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତା ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ୱ୍‌ସିୟତ କରିଥିଲେ । ତୁର୍କୀର ସଦର ଯମାତ୍ ଓ ମୁବଲିଗ୍ ସିଲ୍‌ସିଲା ସାଦ୍ଦିକ୍ ବଟ୍ଟ ସାହେବ ଉଲ୍ଲେଖ କରିଛନ୍ତି । ସ୍ୱର୍ଗତା ୨୦୧୫ ମସିହାରେ ସିରିୟାରୁ ପ୍ରବାସ କରି ତୁର୍କୀ ଚାଲି ଆସିଥିଲେ । ୨୦୧୬ ମସିହାରେ ତାଙ୍କର ନିଯୁକ୍ତି ଇସ୍କନ୍ଦରୁନ୍ ସଦର ଲଜ୍‌ନା ଭାବରେ ହୋଇଥିଲା । ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସଦର ଲଜ୍‌ନା ଭାବରେ ସେ ସେବା ସମ୍ପାଦନ କରିଥିଲେ । ଅନେକ ଦିନ ସେ ସଜ୍ୟାସାୟୀ ହେବା ସତ୍ୱେ ରୋଗାବସ୍ଥାରେ ମଧ୍ୟ ସର୍ବଦା ଧର୍ମ ସେବାରେ ଅଭ୍ୟସ୍ତ ରହୁଥିଲେ । ଇଂଟରନେଟ୍ ମାଧ୍ୟମରେ ବିଭିନ୍ନ ଫୋରମ୍‌ରେ ତବ୍‌ଲିଗ୍ କରୁଥିଲେ । ସେହିପର ସିରିନ୍ ଅହେମଦୀ ମହିଳାମାନଙ୍କର ଶିକ୍ଷା ଓ ସଂସ୍କାର ମୂଳକ କାର୍ଯ୍ୟରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ସମସ୍ତଙ୍କର ପ୍ରୀୟ ମହିଳା ଥିଲେ । ପ୍ରତ୍ୟେକ ସହାନୁଭୂତି ମୂଳକ କାର୍ଯ୍ୟରେ ସେ ଆଗରେ ରହୁଥିଲେ । କେତେକ ମହିଳାମାନେ ମଧ୍ୟ ମତେ ପତ୍ର ଲେଖିଛନ୍ତି ଏବଂ ତାଙ୍କର ପ୍ରଶଂସା କରିଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ । ଯେପରିକି ମୁଁ କହିଲି ନମାଜ ଜୁମା ପରେ ମୁଁ ଏ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ସେହିଭଳି ଆହୁରି ଅନେକ ପ୍ରୋଜେକ୍ଟ ମଧ୍ୟ ଚାଲିଛି । ଏହି ମାନବ ସେବା ଆମକୁ ଆମ ଧର୍ମ ଏବଂ ଆମ ତାଲିମ୍ ଆମକୁ ଶିଖାଇଛି ଏବଂ ଆମେ ସେହି ଈଶ୍ୱରଙ୍କୁ ହିଁ ଉପାସନା କରିଥାଉ । ତେଣୁ ଅଲ୍ଲାଃ ତାଲା ସେଥିପାଇଁ କହିଛନ୍ତି ଯେ, ଯଦି ତୁମେ ମସ୍‌ଜିଦ୍‌କୁ ଆବାଦ୍ କରିବ ତାହା ହେଲେ ମସ୍‌ଜିଦ୍ ନିର୍ମାଣ କର । ମସ୍‌ଜିଦ୍‌ର ହକ୍ ସେତେବେଳେ ଯାଇ ପ୍ରଦାନ କରିପାରିବ ଯେତେବେଳେ ତୁମେମାନେ କେବଳ ଉପାସନା କରୁନଥିବ ବରଂ ମାନବ ସମାଜର ସେବା ମଧ୍ୟ କରୁଥିବ ଏବଂ ଲୋକମାନଙ୍କର ଅଧିକାରକୁ ମଧ୍ୟ ପ୍ରଦାନ କରୁଥିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏଠାରେ ବଡ଼ ବଡ଼ ଅଟ୍ଟାଳିକାମାନ ନିର୍ମାଣ କରାଯାଇଥିବାର କୁହାଯାଇଅଛି ଓ ମେୟର ସାହେବ ମଧ୍ୟ କହିଲେ ଯେ, ଘର ସେଥିପାଇଁ ତିଆରି କରାଯାଇଥାଏ ଯେ ଆମେ ସେଠାରେ ବସବାସ କରିବା କିନ୍ତୁ ଆମେ ଯେଉଁ ମସ୍‌ଜିଦ୍ ଏଠାରେ ନିର୍ମାଣ କରିଛୁ ଆମେ ସେଥିରେ କେବଳ ରହିବାପାଇଁ ନୁହେଁ ବରଂ ଏହି ମସ୍‌ଜିଦ୍ ଆମେ ଏଥିପାଇଁ କରିଛୁ ଯେ, ଆମେ ଅଲ୍ଲାଃ ତାଲାଙ୍କ ଅଧିକାରକୁ ସେଥିରେ ପ୍ରଦାନ କରିବୁ ଏବଂ ଇସ୍‌ଲାମ୍‌ର ପ୍ରକୃତ ଛବିକୁ ମଧ୍ୟ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବୁ । ସାଧାରଣତଃ ଲୋକମାନଙ୍କ ମନ ଭିତରେ ଇସ୍‌ଲାମ୍‌ର ଯେଉଁ ଛବି ରହିଛି । କିଛି ଲୋକେ ତାହାକୁ ପ୍ରକାଶ ମଧ୍ୟ କରିଛନ୍ତି ଯେ, ବୋଧ ହୁଏ ସବୁ ମୁସଲମାନ ହେଉଛନ୍ତି ଚରମପନ୍ଥୀ ଓ ସନ୍ତ୍ରାସବାଦୀ । କିଛି ଲୋକ ଏକଥାକୁ ଖୋଲାଖୋଲି ଭାବେ ତ' କହୁନାହାନ୍ତି କିନ୍ତୁ ସେମାନଙ୍କ ମନ ଭିତରେ ଏହି ଶଙ୍କା ଏବଂ ରିଜର୍ଭେସନ୍ ରଖିଥାନ୍ତି ଯେ, ଇସ୍‌ଲାମ୍ ହେଉଛି ଗୋଟିଏ ଚରମପନ୍ଥୀ ଧର୍ମ କିନ୍ତୁ ପ୍ରକୃତରେ ଇସ୍‌ଲାମ୍ ଚରମପନ୍ଥୀ ଧର୍ମ ନୁହେଁ ମୁଁ ଏଠାରେ ସଂକ୍ଷିପ୍ତରେ ଯାହା କିଛି କହିଲି । ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ହେଉଛି ଏହା କି, ଆମର ପାଳନକର୍ତା ଆମକୁ ଏକଥା ବତାଇଛନ୍ତି ଯେ, ଯେଉଁଠି ଆମେ ତାହାଙ୍କ ଉପାସନାର ଅଧିକାରକୁ ପ୍ରଦାନ କରିବା ସେଠାରେ ଲୋକମାନଙ୍କ ଅଧିକାରକୁ ମଧ୍ୟ ପ୍ରଦାନ କରିବା । ବରଂ ପବିତ୍ର କୁର୍‌ଆନ୍‌ରେ ଏହି ଅଲ୍ଲାଃ ତାଲା ଏକଥା ବତାଇଛନ୍ତି ଯେ, ଯେଉଁ ନମାଜୀ ମସ୍‌ଜିଦ୍‌କୁ ଆସୁଛନ୍ତି ଓ ସଠିକ୍ ଭାବରେ ଲୋକମାନଙ୍କର ଅଧିକାର ପ୍ରଦାନ କରୁନାହାନ୍ତି ସେମାନଙ୍କର ଇବାଦତ୍‌କୁ ସେଠାରେ ତାଙ୍କ ମୁହଁ ଉପରେ ମରାଯାଇଥାଏ । ଅତଏବ ଯେ ପର୍ଯ୍ୟନ୍ତ ଉଚ୍ଚତମ ଚରିତ୍ର ନ ରହିଛି ସେ ପର୍ଯ୍ୟନ୍ତ ଲୋକମାନଙ୍କର ଅଧିକାର ପ୍ରତି ଧାନ ନ ରଖାଯାଇଅଛି ସେ ପର୍ଯ୍ୟନ୍ତ କେବଳ ଉପାସନା ହିଁ ଯଥେଷ୍ଟ ନୁହେଁ ତେଣୁ ଯମାତ୍ ଅହେମଦିୟା ଏ କଥା ଉପରେ ପରିଚାଳିତ ଯେ, ଆମେ ଏପରି ଉପାସନା କରିବା ଯେ, ଯେଉଁଠି ଅଲ୍ଲାଃ ତାଲାଙ୍କ ଅଧିକାର ତାଙ୍କୁ ଦେଉଥିବା ସେଠାରେ ତାହାଙ୍କ ଭକ୍ତମାନଙ୍କ ଅଧିକାରକୁ ମଧ୍ୟ ପ୍ରଦାନ କରୁଥିବା ।

*କ୍ରମଶଃ......*

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି: ଉରିତୁନ୍ ନାରା ଫଇଜା ଅକ୍‌ସରୁ ଅହ୍‌ଲିହନ୍ ନିସାଉ ୟକ୍‌ଫୁର୍‌ନା**

ଅର୍ଥାତ ମତେ ନର୍କର ଦୃଶ୍ୟ ଦେଖାଇ ଦିଆଗଲା । ସେଠାରେ ଯେଉଁ ମହିଳାମାନେ ନିଜର କୁକର୍ମ ଯୋଗୁଁ ନର୍କଦଣ୍ଡ ଭୋଗୁଥିଲେ, ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଏପରି ଥିଲେ ଯେଉଁମାନେ ନିଜ ସ୍ୱାମୀଙ୍କ ପ୍ରତି କୃତଜ୍ଞ ନଥିଲେ ।

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

**ଦ୍ୱିତୀୟ ଭାଗର ବଳକାଅଂଶ**

ହଜ୍‌ରତ୍ ଖଲିଫତୁଲ୍ ମସିହି ପ୍ରଥମ ର:ଅ ହଲାଲ୍ ଏବଂ ହରାମ୍‌ର ଦର୍ଶନ ସମ୍ବନ୍ଧରେ ବର୍ଣ୍ଣନା କରି କହୁଛନ୍ତି ।

ପବିତ୍ର କୁର୍‌ଆନ୍‌ରେ ଆସିଛି **ଲାତକୁଲୁ ଲିମା ତସିଫୁ ଅଲ୍‌ସିନତୁକୁମୁଲ୍ କଜିବା ହାଜା ହଲାଲୁନ୍ ୱ୍ହଜା ହରାମୁନ୍ ଲିଅଫ୍‌ତରୁ...... ଲାୟୁଫୁଲିହୁନ୍**

ଏହା ଈଶ୍ୱରଙ୍କ ଉପରେ ଆପତି ଅଭିଯୋଗ କରିବା ଯେ, ଏଗୁଡ଼ିକ ହଲାଲ୍ ବା ହରାମ୍ । ଅଲ୍ଲାଃ ତାଲା କହୁଛନ୍ତି:

**ହର୍‌ରମା ଆଲୈକୁମୁଲ୍ ମଇତତା ୱ୍‌ଦ୍‌ଦମା ୱ୍‌ଲହ୍‌ମଲ୍ ଖିନ୍‌ଜିର୍ ୱ୍‌ମା ୱ୍‌ହିଲ୍ଲା ବିହି ଲିଗୈରିଲାହି ।**

ହଦିସ୍‌ରେ ରସୁଲେ୍ କରିମ୍ ସ:ଆ:ସ କହିଛନ୍ତି: ଯେଉଁ ପଶୁଗୁଡ଼ିକ ଶିକାରୀ ସେଗୁଡ଼ିକ ହରାମ ଅଟେ । ସେମାନଙ୍କ ମଧ୍ୟରେ ହିଂସ୍ରଜନ୍ତୁ ଶିକାରୀ ପକ୍ଷୀ ଇତ୍ୟାଦି ସାମିଲ ଅଛନ୍ତି । ଏବେ ଏହାଠାରୁ ଅଧିକ କିଛି କାହାର କହିବାର ନାହିଁ ଯେ, ସେ କାହାକୁ ହଲାଲ୍ କହୁ ବା ହରାମ୍ କହୁ । କିନ୍ତୁ ଏ ପୃଥିବୀରେ ଯେହେତୁ ହଜାର ହଜାର ଜୀବଜନ୍ତୁ ଅଛନ୍ତି ତେଣୁ ବହୁତ ଅସୁବିଧା ହୋଇଥାଏ ଯେ, ଏବେ ଆମେ କାହାକୁ ଖାଇବା ଏବଂ କାହାକୁ ନ ଖାଇବା । ତେଣୁ ଏହି ଅସୁବିଧାକୁ ଅଲ୍ଲାଃ ତାଲା ବହୁତ ସହଜରେ ସମାଧାନ କରିଦେଇଛନ୍ତି ।

**ଫକୁଲୁ ମିମ୍ମା ରଜକକୁମୁଲ୍ ଲାହୁ ହଲାଲନ୍ ତୟବନ୍ ୱ୍‌ସ୍‌କୁରୁ ନେମତ୍‌ଲ୍ଲାହି ଇନ୍‌କୁମ୍‌ତୁମ୍ ଇୟାହୁ ତାବୁଦୁନ୍ ।**

ଅର୍ଥାତ ହଲାଲ୍ ଏବଂ ପବିତ୍ର ଜିନିଷ ଖାଅ । ଏବେ ଏଠାରେ ଏକଥା ବତାଇ ଦିଆଗଲା ଯେ, ଯେଉଁ ଜିନିଷଗୁଡ଼ିକ ପବିତ୍ର ସେଗୁଡ଼ିକ ଖାଆନ୍ତୁ । ଅତଏବ ପ୍ରତ୍ୟେକ ସ୍ଥାନରେ ଏବଂ ପ୍ରତ୍ୟେକ ଜାତିରେ ଯେଉଁ ଜିନିଷଗୁଡ଼ିକ ସ୍ୱଚ୍ଛ ଓ ପବିତ୍ର ଏବଂ ଭଦ୍ର ଓ ସଭ୍ୟ ଲୋକମାନେ ଯାହାକୁ ଖାଇଥାନ୍ତି ସେ ସବୁକୁ ଖାଅ । ଏଥିରେ ସେହି ପୂର୍ବ କଥାକୁ ଦୃଷ୍ଟିରେ ରଖିବା ଅତ୍ୟନ୍ତ ଜରୁରୀ । ଶୁଆ ଖାଇବାରେ କୌଣସି ଅସୁବିଧା ନାହିଁ କିନ୍ତୁ ମୁଁ ଏହାକୁ ଖାଏ ନାହିଁ କାରଣ ଆମ ଦେଶର ସଭ୍ୟ ଲୋକମାନେ ଏହାକୁ ଖାଇନଥାନ୍ତି । ଥରେ ଜଣେ ବ୍ୟକ୍ତି ମୋ ସମ୍ମୁଖରେ ଗୋଧି ମାଂସ ରାନ୍ଧି ଆଣି କହିଲା ଯେ, ଆପଣ ଏହାକୁ ଖାଆନ୍ତୁ ମୁଁ କହିଲି ଆପଣ ବହୁତ ଖୁସିର ସହିତ ମୋ ଖାଇବା ଟେବୁଲ୍ ଉପରେ ଖାଇପାରନ୍ତି କିନ୍ତୁ ମୁଁ ଖାଇବି ନାହିଁ କାରଣ ଭଦ୍ର ଲୋକମାନେ ଏହାକୁ ଖାଇ ନଥାନ୍ତି ।'' ***(ଅଖ୍‌ବାର ବଦର୍ ସଂଖ୍ୟା- ୧୯, ଖଣ୍ଡ-୧୦, ୯ ମାର୍ଚ୍ଚ୧୯୧୧,ପୃଷ୍ଠା-୧)***

ପ୍ରଶ୍ନ:- ଜଣେ ମହିଳା ଇସ୍‌ଲାମ୍‌ରେ ପୁରୁଷ ଓ ମହିଳାମାନଙ୍କ ସମାନତା ସମ୍ବନ୍ଧରେ କିଛି ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ମାର୍ଗଦର୍ଶନ ପାଇବା ପାଇଁ ନିବେଦନ କଲେ । ଜୁର ଅନଓ୍ୱର ଅ:ବ:ଅ ତାଙ୍କର ଏହି ପ୍ରଶ୍ନର ଉତରରେ ନିଜର ଚିଠି ଲିଖିତ ୧୧ ଏପ୍ରିଲ୍ ୨୦୧୬ ମସିହାରେ ନିମ୍ନଲିଖିତ ଉତର ପ୍ରଦାନ କଲେ ।

ଉତର:- ଆପଣ ନିଜ ଚିଠିରେ ଇସ୍‌ଲାମୀୟ ଶିକ୍ଷା ଓ ମଣିଷର ପ୍ରକୃତିକୁ ବୁଝି ନ ପାରିବାର କିଛି ସମସ୍ୟା ସମ୍ବନ୍ଧରେ ଲେଖିଛନ୍ତି । ଇସ୍‌ଲାମ୍ କେଉଁଠାରେ ଏ ଦାବି କରିନାହିଁ ଯେ, ପୁରୁଷ ଓ ମହିଳାମାନେ ପ୍ରତ୍ୟେକ ମାମଲାରେ ସମାନ ବୋଲି । ଇସ୍‌ଲାମ୍ କ'ଣ ସ୍ୱୟମ ମଣିଷର ପ୍ରକୃତି ମଧ୍ୟ ଏକଥାକୁ ଅସ୍ୱୀକାର କରିଥାଏ ଯେ, ପୁରୁଷ ଏବଂ ମହିଳାଙ୍କୁ ପ୍ରତି କ୍ଷେତ୍ରରେ ବରାବର ଅଭିହିତ କରାଯାଉ ।

ହଁ ଇସ୍‌ଲାମ୍ ଏ ଶିକ୍ଷା ନିଶ୍ଚିତ ରୂପେ ଦେଇଛି ଯେ, ପୂଣ୍ୟ କର୍ମ ସମ୍ପାଦନ କରିବା ଫଳରେ ଯେଉଁଭଳି ଅଲ୍ଲାଃ ତାଲା ପୁରୁଷମାନଙ୍କୁ ପୁରସ୍କାର ଦେଇଥାନ୍ତି ଓ ପୁରୁଷମାନଙ୍କ ଉପରେ ନିଜର କୃପା କରିଥାନ୍ତି ସେହଭିଳ ସେ ମହିଳାମାନଙ୍କୁ ମଧ୍ୟ ନିଜର ପୁରସ୍କାର ଓ କୃପାର ଅଧିକାରୀ କରିଥାଏ । ସୁତରାଂ ଅଲ୍ଲାଃ ତାଲା ସୁରାଃ ଆଲେ ଇମ୍‌ରାନ୍ ଆୟତ ନଂ-୧୯୬ରେ କହୁଛନ୍ତି ।

**ଫସ୍‌ତଜାବା ଲହୁମ୍ ରବୁହୁମ୍..... ହୁସ୍‌ନୁସ୍ ସବାବ୍ (ଆଲେ ଇମ୍‌ରାନ୍-୧୯୬)**

ସୁତରାଂ ସେମାନଙ୍କର ପାଳନକର୍ତା ସେମାନଙ୍କ ପ୍ରାର୍ଥନା ଗ୍ରହଣ କଲେ(ଏବଂ କହିଲେ ଯେ), ଆମ୍ଭେ ତୁମମାନଙ୍କ ମଧ୍ୟରୁ କୌଣସି କର୍ମଚାରୀଙ୍କର କର୍ମକୁ, ସେ ପୁରୁଷ ହେଉ ବା ସ୍ତ୍ରୀ ହେଉ, ବିନଷ୍ଟ କରିବୁ ନାହିଁ; ତୁମେମାନେ ପରସ୍ପର ମଧ୍ୟରେ (ସମ୍ପର୍କ ସ୍ଥାପନକାରୀ) ଅଟ; ସୁତରାଂ ଯେଉଁମାନେ ଦେଶ ତ୍ୟାଗ କରୁଛନ୍ତି ଓ ନିଜ ଗୃହରୁ ବିତାଡ଼ିତ ହୋଇଛନ୍ତି ଏବଂ ଆମ୍ଭ ଉଦ୍ଦେଶ୍ୟରେ କଷ୍ଟ ପାଇଛନ୍ତି ତଥା ଯୁଦ୍ଧ କରିଛନ୍ତି ଓ ନିହତ ହୋଇଛନ୍ତି, ଆମ୍ଭେ ନିଶ୍ଚୟ ସେମାନଙ୍କ ଠାରୁ ସେମାନଙ୍କର କୁକାର୍ଯ୍ୟଗୁଡ଼ିକୁ ଦୂର କରିବୁ ଏବଂ ନିଶ୍ଚୟ ସେମାନଙ୍କୁ ଏପରି ଉଦ୍ୟାନମାନଙ୍କରେ ପ୍ରବେଶ କରାଇବୁ ଯାହାର ନିମ୍ନଦେଶରେ ଝରଣା ପ୍ରବାହିତ ହେଉଥିବ; ଏହା ଅଲ୍ଲାଃଙ୍କ ଠାରୁ ପୁରସ୍କାର ସ୍ୱରୁପ ମିଳିବ; ଏବଂ ଅଲ୍ଲାଃଙ୍କଠାରେ ହିଁ ସର୍ବୋତ୍କୃଷ୍ଟ ପୁରସ୍କାର ରହିଅଛି ।

ଯେଉଁଠି ପୁରୁଷ ଓ ମହିଳାମାନଙ୍କର ସାକ୍ଷ୍ୟ ସମ୍ବନ୍ଧରେ କଥା ଉଠୁଛି ସେଠାରେ ଯେଉଁ କଥା ଉଠୁଛି ସେଠାରେ ଏପରି ମାମଲାଗୁଡ଼ିକ ଯାହା ପୁରୁଷମାନଙ୍କ ସହିତ ସମ୍ବନ୍ଧିତ ଓ ମହିଳାମାନଙ୍କ ସହିତ ସିଧାସଳଖ ସମ୍ପର୍କ ନାହିଁ ସେଥିରେ ଯଦି ସାକ୍ଷ୍ୟ ଦେବାପାଇଁ ଧାର୍ଯ୍ୟ ପୁରୁଷ ଜଣକ ଉପଲବ୍ଧ ନଥାନ୍ତି ତେବେ ଜଣେ ପୁରୁଷଙ୍କ ସହିତ ଦୁଇଜଣ ମହିଳାଙ୍କୁ ଏଥିପାଇଁ ରଖାଯାଇଛି ଯେ, ଯେହେତୁ ଏହି ମାମଲାରେ ମହିଳାମାନଙ୍କ ସହିତ ସିଧାସଳଖ କୌଣସି ସମ୍ବନ୍ଧ ନାହିଁ ତେଣୁ ଯଦି ସାକ୍ଷ୍ୟ ଦେଉଥିବା ମହିଳାଜଣକ ନିଜର ସାକ୍ଷ୍ୟକୁ ଭୁଲିଯାଏ ତେବେ ଅନ୍ୟ ମହିଳାଜଣକ ତାକୁ ମନ ପକାଇଦେବ । ଅର୍ଥାତ ଏଠାରେ ମଧ କେବଳ ଜଣେ ମହିଳା ରହି ସାକ୍ଷ୍ୟ ରହିଛି ଏଠାରେ ସର୍ତକତା ଅବଲମ୍ବନ କରାଯାଇ ଦ୍ୱିତୀୟ ମହିଳାଜଣଙ୍କୁ ପ୍ରଥମକୁ ସାହାଯ୍ୟ କରିବାପାଇଁ ଓ ତାଙ୍କୁ କଥା ମନେ ପକାଇ ଦେବାପାଇଁ ରଖାଯାଇଅଛି । ପବିତ୍ର କୁର୍‌ଆନ୍ ମଧ୍ୟ ଏହାକୁ ସମର୍ଥନ କରୁଅଛି ସୁତରାଂ ଅଲ୍ଲାଃ ତାଲା କହିଲେ:

**ୟା ଅୟୁହଲ୍ ଲଜିନା ଆମନୁ ଇଜା ତଦାୟନ୍‌ତୁମ୍...... ଫକୁତୁଜକିରା ଇହିଦାହୁମଲ୍ ଉଖ୍‌ରା *(ବକ୍‌ରା:୨୮୩)***

ଅର୍ଥାତ ହେ ବିଶ୍ୱାସକାରୀମାନେ ! ଯେବେ ତୁମେମାନେ ଜଣେ ଅନ୍ୟଠାରୁ କୌଣସି ନିର୍ଦ୍ଦିଷ୍ଟ ସମୟ ପାଇଁ କରଜ ନିଅ ତେବେ ତାହାକୁ ଲେଖିପକାଅ ଏବଂ କୌଣସି ଲେଖାଳୀ ତୁମମାନଙ୍କ ମଧ୍ୟରେ (ନିଷ୍ପତି କରା ହୋଇଥିବା ଚୁକ୍ତିକୁ) ନ୍ୟାୟ ସଙ୍ଗତ ଭାବରେ ଲେଖିଦେଉ ଏବଂ କୌଣସି ଲେଖାଳି ଲେଖି ଦେବାକୁ ମନା ନ କରୁ; କାରଣ ଅଲ୍ଲାଃ ତାହାକୁ (ଲେଖିବା) ଶିଖାଇଛନ୍ତି ତେଣୁ ସେ ନିଶ୍ଚୟ ଲେଖିଦେଉ ଓ ଯାହାଠାରେ ଦାୟିତ୍ୱ ରହିଅଛି ସେ ହିଁ ଲେଖାଇ ନେଉ । ....... ଏବଂ ତୁମେମାନେ ନିଜ ପୁରୁଷମାନଙ୍କ ମଧ୍ୟରୁ (ସେହି ଘଟଣା ବେଳେ) ଦୁଇଜଣ ସାକ୍ଷୀଙ୍କୁ ନିଯୁକ୍ତ କର; ଅବଶ୍ୟ ଯଦି ଉଭୟ (ସାକ୍ଷୀ) ପୁରୁଷ ହୋଇନଥାନ୍ତି ତେବେ (ଘଟଣା ସମୟର) ସାକ୍ଷୀମାନଙ୍କ ମଧ୍ୟରୁ ଯେଉଁ ଲୋକମାନଙ୍କୁ (ସାକ୍ଷୀ ରୂପେ) ତୁମେ ପସନ୍ଦ କରୁଥାଅ ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଦୁଇଜଣ ମହିଳାଙ୍କୁ (ସାକ୍ଷୀ କର); (ଦୁଇଜଣ ମହିଳା ସାକ୍ଷୀ ବିଷୟକ ସର୍ତ ଏଥିଯୋଗୁଁ ଅଛି) ଯଦ୍ୱାରା ସେମାନଙ୍କ ମଧ୍ୟରୁ ଜଣେ ପାଷୋରି ଯିବା ଅବସ୍ଥାରେ ଉଭୟଙ୍କ ମଧ୍ୟରୁ ପ୍ରତ୍ୟେକ ଅନ୍ୟକୁ (ବିଷୟଟି) ମନେ ପକାଇ ଦେବ ।

ଏବଂ ଯେଉଁଠି ମହିଳାମାନଙ୍କ ସହିତ ସିଧାସଳଖ ମାମଲାର ସମ୍ବନ୍ଧ ରହିଛି ସେଠାେ ହଦିସ୍‌ରୁ ପ୍ରମାଣିତ ଅଛି ଯେ, ହଜୁର ସ:ଆ:ସ କେବଳ ଜଣେ ମହିଳାଙ୍କ ସାକ୍ଷ୍ୟକୁ ଯଥେଷ୍ଟ ମଣିଛନ୍ତି........ ସୁତରାଂ ହଜ୍‌ରତ୍ ଅକ୍‌ବା ବିନ୍ ହାରିସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ ଅବୁ ଇହାବ୍ ବିନ୍ ଅଜିଜ୍‌ଙ୍କ ଝିଅଙ୍କ ସହିତ ନିକାହ୍ କଲେ ତା'ପରେ ଜଣେ ମହିଳା ଆସି ବୟାନ ଦେଲେ ଯେ, ମୁଁ ଅକ୍‌ବାଙ୍କୁ ଏବଂ ଯେଉଁ ମହିଳାଙ୍କ ସହିତ ଅକ୍‌ବା ନିକାହ୍ କରିଛନ୍ତି ତାଙ୍କୁ କ୍ଷୀର ପିଆଇଛି (ତେଣୁ ଏହି ଦୁଇଜଣ ରଜାଇ ଭାଇଭଉଣୀ ଅଟନ୍ତି ତେଣୁ ଏହି ଦୁଇଜଣଙ୍କ ମଧ୍ୟରେ ବିବାହ ହେବା ଠିକ୍ ହେବନାହିଁ) ଅକ୍‌ବା କହିଲେ, ମୁଁ ଏକଥା ଜାଣିନାହିଁ ଯେ, ତୁମେ ମତେ କେବେ କ୍ଷୀର ଖୁଆଇଥିଲ ଓ ନା ତୁମେ (ୟା ପୂର୍ବରୁ) କେବେ ଏକଥା କହିଛ । ପୁଣି ଅକ୍‌ବା ବାହନ ଉପରେ ଚଢ଼ି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ମଦିନା ଗଲେ ଏବଂ ମହାଭାଗ ସ:ଆ:ସଙ୍କଠାରୁ (ଏହି ବିଷୟ) ପଚାରି ବୁଝିଲେ । ନବୀ ସ:ଆ:ସ କହିଲେ ଯେ, ଏବେ ଯେହେତୁ ଏକଥା ତୁମକୁ କହିଦିଆଗଲା ତେଣୁ ତୁମେ କିପରି ସେହି ମହିଳାଙ୍କୁ ନିଜ ନିକାହ୍‌ରେ ରଖିପାରିବ ? ଅତଏବ ଅକ୍‌ବା ସେହି ମହିଳାଙ୍କୁ ଛାଡ଼ିଦେଲେ ଓ ସେ ମହିଳାଜଣକ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିନେଲେ ।

***(ସହୀ ବୁଖାରୀ କିତାବୁଲ୍ ଇଲମ୍......)***

ଯେଉଁଠି ତଲାକ୍ ଏବଂ ଖୁଲା ବିଷୟ ରହିଛି ସେଠାରେ ମଧ କୌଣସି ତଫାତ୍ ନାହିଁ । ବରଂ ଇସ୍‌ଲାମ୍‌ରେ ଏହା ଗୋଟିଏ ଉପକାର ଯେ, ସେ ପୁରୁଷକୁ ମହିଳାମାନଙ୍କୁ ତଲାକ୍ ଦେବାର ହକ୍ ସହିତ ମହିଳାମାନଙ୍କୁ ମଧ୍ୟ ଖୁଲା ନେବାର ହକ୍ ପ୍ରଦାନ କରିଛି । ଏଥିରେ ମଧ୍ୟ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଅଛି । ଯଦି ପୁରୁଷ ତଲାକ୍ ଦିଏ ସେତେବେଳେ ସେ, ତା' ସ୍ତ୍ରୀକୁ ସବୁପ୍ରକାରର ଭରଣପୋଷଣ ଓ ମାଲି ଅଧିକାର ଦେଇଥାଏ । ତା' ସହିତ ଯାହା କିଛି ସେ ପୂର୍ବରୁ ତା' ସ୍ତ୍ରୀକୁ ଉପହାର ଦେଇଥାଏ ତାହା ଫେରାଇ ନେଇପାରିବ ନାହିଁ । ସେହିଭଳି ଯେତେବେଳେ ସ୍ତ୍ରୀ ନିଜ ଇଚ୍ଛାରେ ସ୍ୱାମୀଙ୍କର ବିନା କୌଣସି ଭୁଲ୍‌ରେ ମଧ ଖୁଲା ନେବାକୁ ଚାହେଁ ତେବେ ତାକୁ ମଧ ସ୍ୱାମୀଙ୍କର କିଛି ଆର୍ଥିକ ଅଧିକାର ଯେମିତି ହକ୍ ମୋହର୍ ଇତ୍ୟାଦି ଫେରାଇବାକୁ ପଡ଼ିଥାଏ । କିନ୍ତୁ ଯଦି ମହିଳାଙ୍କ ଖୁଲା ନେବାରେ ପୁରୁଷର ଅତ୍ୟାଚାର ପ୍ରମାଣିତ ହୁଏ ତେବେ ଏପରି କ୍ଷେତ୍ରରେ ସ୍ତ୍ରୀକୁ ଅଧିକା ଲାଭ ଦିଆଯାଇଛି ଯେ, ହକ୍ ମୋହରର ହକ୍‌ଦାର ମଧ ତାକୁ କରାଯାଇଅଛି । ଯାହାର ନିଷ୍ପତି କଜା ପରିସ୍ଥିତିକୁ ଦେଖି କରିଥାଏ ।

ଅହ୍‌ଲେ କିତାବ୍ (ଯେଉଁ ଧର୍ମକୁ ଐଶିପୁସ୍ତକ ପ୍ରଦାନ କରାଯାଇଅଛି)ଙ୍କ ସହିତ ବିବାହ କରିବା, ୱ୍‌ଲି (ଅଭିଭାବକ)ଙ୍କ ଆବଶ୍ୟକତା ଏବଂ ପୁରୁଷମାନଙ୍କୁ ଏକାଧିକ ପତ୍ନୀ ରଖିବା ସମ୍ବନ୍ଧରେ ଯେଉଁ ପ୍ରଶ୍ନ କରାଯାଇଅଛି ବାସ୍ତବିକ ଏଥିରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ଇଜ୍ଜତକୁ ଆଖି ଆଗରେ ରଖାଯାଇଅଛି । ଅଲ୍ଲାଃ ତାଲା ମହିଳାମାନଙ୍କୁ ପୁରୁଷମାନଙ୍କ ତୁଳନାରେ ସାଧାରଣତଃ କୋମଳ ବନାଇଛି ଏବଂ ତା ପ୍ରକୃତିରେ ପ୍ରଭାବକୁ ଗ୍ରହଣ କରିବାର ଶକ୍ତି ରଖାଯାଇଅଛି ତେଣୁ ଜଣେ ମୁସଲମାନ ମହିଳାଙ୍କୁ ଅହ୍‌ଲେ କିତାବ୍ ପୁରୁଷଙ୍କ ସହିତ ବିବାହ କରିବାକୁ ମନା କରାଯାଇ ସେହି ମହିଳାଙ୍କ ଧର୍ମର ସୁରକ୍ଷା କରାଯାଇଅଛି ।

ବିବାହ ମାମଲାରେ ଝିଅର ସହମତି ସହିତ ତା' ୱ୍‌ଲି (ଅଭିଭାବକ)ଙ୍କ ସହମତି ରଖାଯାଇ ଏହିଭଳି ବହୁତ ଗୁଡ଼ିଏ ଲାଭ ମଧ୍ୟରୁ

ଗୋଟିଏ ଲାଭ ମହିଳାକୁ ଜଣେ ସାହାଯ୍ୟ କାରୀ ଓ ସୁରକ୍ଷା କର୍ତା ଉପଲବ୍ଧ କରିବା ମଧ୍ୟ ଉଦ୍ଦେଶ୍ୟ ରହିଛି ଯେ, ମହିଳାଜଣକର ବିବାହ କରିବା ପରେ ତା' ଶ୍ୱଶୁର ଘର ଲୋକମାନେ ଏକଥା ଜାଣିବେ ଯେ, ଏହି ମହିଳା ଏକୁଟିଆ ନୁହନ୍ତି ବରଂ ତା' ଖବର ଅନ୍ତର ବୁଝିବା ପାଇଁ କେହି ଜଣେ ଅଛି ।

ମହିଳାମାନଙ୍କୁ ଏକ ସମୟରେ ଜଣଙ୍କୁ ବିବାହ କରିବାର ଅନୁମତି ଦେଇ ଇସ୍‌ଲାମ୍ ତା' ସମ୍ମାନର ସୁରକ୍ଷା କରିଛି ଏବଂ ମନୁଷ୍ୟର ସ୍ୱାଭିମାନ ଅନୁରୂପ ଏହି ନିର୍ଦ୍ଦେଶ ଦିଆଯାଇଅଛି ।

ଯେଉଁ ହଦିସ୍‌ରେ ମହିଳାମାନଙ୍କୁ ଅଧିକ ସଂଖ୍ୟାରେ ନର୍କରେ ପଡ଼ିବା ପାଇଁ ଲେଖା ହୋଇଛି ସେଠାରେ ଲୋକମାନେ ସେହି ହଦିସ୍‌ଟିର ଅର୍ଥକୁ ବୁଝିବାରେ ଭୁଲ୍ କରିବସିଛନ୍ତି । ସେହି ହଦିସ୍‌ର ଅର୍ଥ କଦାପି ଏହା ନୁହେଁ ଯେ, ନର୍କରେ ମହିଳାମାନଙ୍କର ସଂଖ୍ୟା ଅଧିକ ହେବ ବରଂ ହଜୁର ସ:ଆ: କହିଲେ:

**ଉରିତୁନ୍ ନାରା ଫଇଜା ଅକ୍‌ସରୁ ଅହ୍‌ଲିହନ୍ ନିସାଉ ୟକ୍‌ଫୁର୍‌ନା**

ଅର୍ଥାତ ମତେ ନର୍କର ଦୃଶ୍ୟ ଦେଖାଇ ଦିଆଗଲା । ସେଠାରେ ଯେଉଁ ମହିଳାମାନେ ନିଜର କୁକର୍ମ ଯୋଗୁଁ ନର୍କଦଣ୍ଡ ଭୋଗୁଥିଲେ, ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଏପରି ଥିଲେ ଯେଉଁମାନେ ନିଜ ସ୍ୱାମୀଙ୍କ ପ୍ରତି କୃତଜ୍ଞ ନଥିଲେ ।

ଅତଏବ ପ୍ରଥମତଃ ଏହି ହଦିସ୍‌ର ଅର୍ଥ ଏହା କଦାପି ନୁହେଁ ଯେ, ନର୍କରେ ମହିଳାମାନଙ୍କର ସଂଖ୍ୟା ପୁରୁଷମାନଙ୍କଠାରୁ ଅଧିକ ହେବ । ଦ୍ୱିତୀୟତଃ ଏଠାରେ ସେହି ମହିଳାମାନଙ୍କୁ ନର୍କରେ ପଡ଼ିବା ବିଷୟ କୁହାଯାଇଛି ଯେ, ଯେଉଁମାନେ କଥା କଥାରେ ଅଲ୍ଲାଃ ତାଲାଙ୍କର ଉପକାରର ନାସୁକ୍‌ରି (ଅକୃତଜ୍ଞତା) କରୁଛନ୍ତି, ଯେଉଁ ଉପକାର ସେମାନଙ୍କ ସ୍ୱାମୀମାନଙ୍କ ଜରିଆରେ ଅଲ୍ଲାଃ ତାଲା ତାଙ୍କ ଉପରେ କରିଛନ୍ତି ।

ପୁଣି ତା' ବିପକ୍ଷରେ ହଦିସ୍‌ରେ ପୂଣ୍ୟବତୀ ଓ ପବିତ୍ର ମହିଳାମାନଙ୍କ ପାଦ ତଳେ ବୈକୁଣ୍ଠ ରହିଥିବାର ମଧ୍ୟ ସୁସମାଚାର ଦିଆଯାଇଅଛି । ଏହା କୌଣସି ପୁରୁଷମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଇନାହିଁ ବରଂ ମହିଳାମାନଙ୍କ ସମ୍ବନ୍ଧରେ କୁହାଯାଇଅଛି ।

ଏତଦ୍ ବ୍ୟତିତ ଇସ୍‌ଲାମ୍ ପୁରୁଷ ଓ ମହିଳାମାନଙ୍କର କେତେକ ଅଧିକାର ଓ କର୍ତବ୍ୟ ସେମାନଙ୍କ ପ୍ରକୃତି ଓ ସ୍ୱଭାବ ମୁତାବକ ଭିନ୍ନ ଭିନ୍ନ ବର୍ଣ୍ଣନା କରିଛନ୍ତି । ପୁରୁଷମାନଙ୍କୁ ତାଗିଦ୍ କରାଯାଇଛି ଯେ, ସେ ପରିଶ୍ରମ କରୁ ଓ ଘରର ସମସ୍ତ ଆବଶ୍ୟକତାକୁ ପୁରଣ କରୁ ଏବଂ ମହିଳାମାନଙ୍କୁ ଏକଥା କୁହାଯାଇଛି ଯେ, ସେ ଘର ଓ ପିଲାମାନଙ୍କର ସୁରକ୍ଷା ପ୍ରଶିକ୍ଷଣର ଦାୟିତ୍ୱ ନେଉ । ଅର୍ଥାତ ବାହାର କାର୍ଯ୍ୟ କରିବାପାଇଁ ପୁରୁଷକୁ ତା ସାମର୍ଥ୍ୟ ମୁତାବକ ଚୟନ କରାଯାଇଅଛି ଓ ମହିଳାଙ୍କୁ ତାଙ୍କ ସ୍ୱଭାବ ଅନୁସାରେ ତାଙ୍କ ସମ୍ମାନକୁ ଦୃଷ୍ଟି ଆଗରେ ରଖି ଘରର ସମସ୍ତ କାର୍ଯ୍ୟ ସମ୍ପାଦନ କରିବାପାଇଁ ଦାୟିତ୍ୱ ଦିଆଯାଇଅଛି ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ଏ ନିର୍ଦ୍ଦେଶ ରହିଛି ଯେ, ମହିଳାମାନଙ୍କଠାରେ ଧର୍ମ ଓ ବୁଦ୍ଧି ଦୃଷ୍ଟି କୋଣରୁ ଏକ ପ୍ରକାରର ଦୁର୍ବଳତା ରହିଛି । ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ । କାରଣ ଏହା ମଧ୍ୟ ମହିଳାମାନଙ୍କ ପ୍ରକୃତି ଅନୁରୂପ କଥା କୁହାଯାଇଅଛି । ଧର୍ମ ସମ୍ବନ୍ଧୀୟ ଦୂର୍ବଳତା ବିଷୟରେ ଆଁ ହଜୁର ସ:ଆ:ସ ନିଜେ ବର୍ଣ୍ଣନା କରିଦେଇଛନ୍ତି ଯେ, ମହିଳାଙ୍କ ବୟସର ଗୋଟିଏ ବହୁତ ବଡ଼ ଭାଗ ଯେଉଁଥିରେ ପ୍ରତ୍ୟେକ ମାସରେ ଏପରି କିଛି ଦିନ ଆସିଥାଏ ସେହି ଦିନଗୁଡ଼ିକରେ ମହିଳାମାନଙ୍କୁ ସବୁପ୍ରକାରର ଉପାସନା କରିବାରୁ ଛୁଟି ମିଳିଛି । ଯଦି ଦେଖାଯାଏ ତେବେ ଏହା ମଧ୍ୟ ଏକପ୍ରକାରର ଈଶ୍ୱରଙ୍କର ଅନୁଗ୍ରହ । ମହିଳାମାନେ କମ୍ ବୁଦ୍ଧି ରଖିଥିବାରୁ ମହିଳାମାନଙ୍କୁ ଅସମ୍ମାନ କରାଯାଇନାହିଁ । ବରଂ ଏହାର ଅର୍ଥ ହେଉଛି ମହିଳାମାନଙ୍କର ଉଦାର ସ୍ୱଭାବ ଯାହାର ପ୍ରମାଣ ଆଜିର ଏ ଦୁନିଆରେ ମହିଳାମାନେ ନିଜେ ହିଁ ଉପଲବ୍ଧ କରିଦେଇଛନ୍ତି ଯେ, ସେମାନେ ହେଉଛନ୍ତି ବହୁତ ସାଧାସିଧା । କାରଣ ପାଶ୍ଚାତ୍ୟ ଦେଶଗୁଡ଼ିକରେ ପୁରୁଷମାନେ ମହିଳାମାନଙ୍କୁ ସ୍ୱାଧିନତାର ଲୋଭ ଦେଖାଇ ଯେଉଁଭଳି ନିଜର ଫାଇଦା ପାଇଁ ତାଙ୍କୁ ବ୍ୟବହାର କରୁଛନ୍ତି ତାହା ସମସ୍ତଙ୍କଠାରୁ ସଚ୍ଚା ପୁରୁଷ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉକ୍ତ କଥନର ସତ୍ୟତାର ପ୍ରମାଣ ଦେଉଅଛି ।

ପୁରୁଷମାନେ ନିଜର କାମନାକୁ ଚରିତାର୍ଥ କରିବାପାଇଁ ମହିଳାମାନଙ୍କୁ ଘରର ଚାରି କାନ୍ଥରୁ ବାହାର କରି ବଜାରରେ ଆଣି ଛିଡ଼ା କରିଦେଲେ ଏବଂ ଇସ୍‌ଲାମ୍ ଜୀବିକା ଆୟୋଜନ କରିବା ପାଇଁ ପୁରୁଷଙ୍କ ଉପରେ ଯେଉଁ ଦାୟିତ୍ୱ ଦେଇଥିଲା ସେଥିରେ ମଧ୍ୟ ପୁରୁଷମାନେ ମହିଳାମାନଙ୍କର ଉଦାର ସ୍ୱଭାବରୁ ଲାଭ ଉଠାଇ ନିଜର ଏହି ଦାୟିତ୍ୱକୁ ବାଂଟିଦେଲେ ଓ ନିଜର ଲାଭ ପାଇଁ ମହିଳାମାନଙ୍କୁ ବ୍ୟବହାର କଲେ । ଯେଉଁଠି ମହିଳାମାନଙ୍କୁ ପୁରୁଷମାନଙ୍କ ଭଳି ପରିଶ୍ରମ କରିବା ସହିତ ଭିନ୍ନ ଭିନ୍ନ ପ୍ରକୃତିର ପୁରୁଷମାନଙ୍କ ସହିତ ସମ୍ପର୍କ ରଖିବାକୁ ପଡ଼ିଥାଏ । ଯେଉଁମାନେ ବେଳେବେଳେ ନିଜର ଆଖିର କୁଦୃଷ୍ଟିକୁ ପୁରଣ କରିବାପାଇଁ ବିଭିନ୍ନ ପାର୍ଶ୍ୱରୁ ମହିଳାଙ୍କ ଉପରେ ଦୃଷ୍ଟି ନିକ୍ଷେପ କରିବା ପାଇଁ ଚେଷ୍ଟା କରିଥାନ୍ତି ।

ପୁଣି ଟିକିଏ ଯଦି ଚିନ୍ତା କରି ଦେଖାଯାଏ ତେବେ ପାଶ୍ଚାତ୍ୟ ଦେଶଗୁଡ଼ିକର ପୁରୁଷ ଏବଂ ମହିଳାମାନଙ୍କ ସମାନତାର ଘୋଷଣା କେବଳ ଏକ ଫମ୍ପା ଦାବି । ଏହି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଗୋଟିଏ ଦେଶ ମଧ୍ୟ ଏପରି ନାହିଁ ଯାହାର ସରକାରୀ କଳକୁ ଚଳାଇବା ପାଇଁ ପାର୍ଲାମେଂଟ ବ୍ୟବସ୍ଥାରେ ପୁରୁଷମାନଙ୍କ ସମ ମହିଳାମାନେ ମହ୍‌ଜୁଦ୍ ଥିବେ । ଏହି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅନେକ ସ୍ଥାନରେ କୌଣସି ଚାକିରି ପାଇଁ ପୁରୁଷମାନଙ୍କୁ ଯେଉଁ ପ୍ୟାକେଜ ଦିଆଯାଇଥାଏ ସାଧାରଣତଃ ସେହି ଚାକିରି ପାଇଁ ପୁରୁଷମାନଙ୍କ ସମରାଶି ମହିଳାମାନଙ୍କୁ ଦିଆଯାଇନଥାଏ । ଏହି ସବୁ କଥାଗୁଡ଼ିକ ମହିଳାମାନଙ୍କର ଉଦାରତା ଓ ସାଧା ପଣିଆ ବିଷୟରେ ପ୍ରମାଣ ଦେଉଅଛି ।

ଯେଉଁଠି ପବିତ୍ର କୁର୍‌ଆନ୍‌ରେ ପୁରୁଷଙ୍କୁ କୌୱାମ୍ ଅର୍ଥାତ ଶକ୍ତିଶାଳୀ ଭାବେ ଅଭିହିତ କରାଯିବାର କଥା ଉଠୁଛି ସେଠାରେ ପବିତ୍ର କୁର୍‌ଆନ୍ ତାହାର ସ୍ପଷ୍ଟିକରଣ ମଧ୍ୟ ଦେଇଅଛି । ଗୋଟିଏ କାରଣ ଏହା ବର୍ଣ୍ଣନା କରିଅଛି ଯେ, ଘରର ବ୍ୟବସ୍ଥାକୁ ଚଳାଇବା ପାଇଁ ଗୋଟିଏ ପକ୍ଷକୁ ଅନ୍ୟ ପକ୍ଷ ଉପରେ କିଛି ମାତ୍ରାରେ ଅଗ୍ରାଧିକାର ଦିଆଯାଇଅଛି ଏବଂ ଦ୍ୱିତୀୟ କାରଣ ଏହା ବର୍ଣ୍ଣନା କରିଛନ୍ତି ଯେ, ସେ ନିଜର ଧନକୁ ମହିଳାମାନଙ୍କ ଉପରେ ଖର୍ଚ୍ଚ କରିଥାଏ ।

ଯେଉଁଠି ପବିତ୍ର କୁର୍‌ଆନ୍‌ରେ ପୁରୁଷକୁ କୱାମ୍ ଅର୍ଥାତ ଶକ୍ତିଶାଳୀ ବୋଲି ଅଭିହିତ କରାଯାଇଅଛି, ସେଠାରେ ପବିତ୍ର କୁର୍‌ଆନ୍ ସ୍ୱୟଂ ଏହାର ସ୍ପଷ୍ଟିକାରଣ ଓ କାରଣ ମଧ୍ୟ ବର୍ଣ୍ଣନା କରିଅଛି । ଗୋଟିଏ କାରଣ ଏହା ବର୍ଣ୍ଣନା କରିଛି ଯେ ଘରର ନିଜାମ୍ (system)କୁ ଚଳାଇବା ପାଇଁ ଗୋଟିଏ ପକ୍ଷକୁ ଅନ୍ୟ ଉପରେ କିଛିଟା ଅଗ୍ରାଧିକାର ଦିଆଯାଇଅଛି । ଦ୍ୱିତୀୟ କାରଣ ଏହା ବର୍ଣ୍ଣନା କରାଯାଇଅଛି ଯେ ସେ (ଅର୍ଥାତ ପୁରୁଷ) ନିଜର ଧନସମ୍ପତି ଏବଂ ରୋଜଗାର ମହିଳା ନିମନ୍ତେ ଖର୍ଚ୍ଚ କରିଥାଏ ।

ଜଣକୁ ଅନ୍ୟ ଜଣକ ଉପରେ ଶ୍ରେଷ୍ଠତ୍ୱ / ଅଗ୍ରାଧିକାର ନେବା ମଣିଷ ପ୍ରକୃତିର ଅନୁରୁପ । କାରଣ ଯଦି ଆମେ ଏ ଦୁନିଆର ବ୍ୟବସ୍ଥାକୁ ଦେଖିବା, ତେବେ ସବୁ ସ୍ଥାନରେ ଗୋଟିଏ ପକ୍ଷ ଉପରେ ଓ ଅନ୍ୟ ପକ୍ଷଟି ତା ତୁଳନାରେ ତଳୁଆ ଥାଏ । ଯଦି ଦୁନିଆର ସବୁ ଲୋକେ ସମାନ ହୋଇଥାନ୍ତେ, ବା ଯଦି ଏହା କୁହାଯାଏ ଯେ ସମସ୍ତେ ରାଜା ହୋଇଯାଆନ୍ତେ, ତା'ହେଲେ ଏ ଦୁନିଆ ଗୋଟିଏ ଦିନ ବି ଚାଲି ପାରିନଥାନ୍ତା । ତେଣୁ ଅଲ୍ଲାଃ ତାଲା କିଛି ଲୋକଙ୍କୁ ବଡ଼ ଓ କିଛି ଲୋକଙ୍କୁ ସାନ, କିଛି ଲୋକଙ୍କୁ ଧନୀ ଓ କିଛି ଲୋକଙ୍କୁ ଗରୀବ କରିଛି । ଆମେ ଏହା ଦେଖିପାରିବା ଯେ ପ୍ରତ୍ୟେକ ଦେଶରେ ସରକାରୀ କଳକୁ ଚଳାଇବା ପାଇଁ ଗୋଟିଏ କ୍ୟାବିନେଟ ରହିଛି । ଯଦି ସେହି ଦେଶର ସମସ୍ତ ଲୋକେ ସେହି କ୍ୟାବିନେଟ୍‌ର ଅଂଶ ହୋଇଯାଆନ୍ତି, ତା'ହେଲେ ସେ ଦେଶ ଚାଲିପାରିବ ନାହିଁ । ବିଲ୍‌କୁଲ୍ ସେହିପରି ଅଲ୍ଲାଃ ତାଲା ଘରୋଇ ବ୍ୟବସ୍ଥାକୁ ଚଳାଇବା ପାଇଁ ପୁରୁଷକୁ କିଛିଟା ଅଧିକ ଅକ୍ତିଆର ଦେଇଛି କିନ୍ତୁ ଯେଉଁଭଳି ଜଣେ ରାଷ୍ଟ୍ର ମୁଖ୍ୟ ଓ ଦେଶର କ୍ୟାବିନେଟ୍‌କୁ ଅଧିକା କ୍ଷମତା ଦିଆଯିବା ସହିତ ସେହି ତୁଳନାରେ ଅଧିକା କର୍ତବ୍ୟ ମଧ୍ୟ ନିର୍ବାହ କରିବାକୁ ପଡ଼ିଥାଏ । ସେହିଭଳି ଇସ୍‌ଲାମ୍ ପୁରୁଷ ଉପରେ ମହିଳା ଅପେକ୍ଷା ଅଧିକା ଦାୟିତ୍ୱ ଦେଇଛି ।

ଅତଏବ ପୁରୁଷ ଏବଂ ମହିଳାଙ୍କ ଅଧିକାର ଓ କର୍ତବ୍ୟ ଦୃଷ୍ଟିକୋଣରୁ ଇସ୍‌ଲାମିକ ବ୍ୟବସ୍ଥା ପ୍ରକୃତିର ଅନୁରୂପ ଅଟେ ଏବଂ ସେଥିରେ କୌଣସି ପ୍ରକାର ତୃଟି ନାହିଁ ।

ପ୍ରଶ୍ନ- ଜଣେ ମହିଳା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ତାଲାଙ୍କ ମଜ୍‌ଲିସ୍ ଇର୍‌ଫାନ୍‌ରେ ବର୍ଣ୍ଣନା କରାଯାଇଥିବା ଗୋଟିଏ ଷ୍ଟେଟ୍‌ମେଂଟ ପ୍ରସଙ୍ଗରେ ଅର୍ଥାତ ଚାଚା ଏବଂ ମାମୁଁଙ୍କଠାରୁ ପର୍ଦ୍ଦା କରିବା ବିଷୟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରୁ ମାର୍ଗଦର୍ଶନ ଚାହିଁଥିଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଦ୍ୱାରା ଜୁନ୍ ପହିଲା ୨୦୨୦ ମସିହା ଦିନ ନିମ୍ନଲିଖିତ ଉତର ଦେଇଛନ୍ତି । ହଜୁର କହିଲେ:-

ଉତର:- ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ତାଲା ସୁରଃ ନୂର୍‌ର ଆୟତ ନଂ ୩୨ ପ୍ରସଙ୍ଗରେ ମଜ୍‌ଲିସ୍ ଇର୍‌ଫାନ୍‌ରେ ଗୋଟିଏ ପ୍ରଶ୍ନର ଉତର ଦେଇଥିଲେ ।

ଏକଥା ଠିକ୍ ଯେ ଏହି ଆୟତରେ ମହିଳାମାନଙ୍କୁ ଯେଉଁ ସବୁ ପୁରୁଷମାନଙ୍କ ଠାରୁ ପର୍ଦ୍ଦା ନ କରିବା ପାଇଁ ଅନୁମତି ମିଳିଛି, ସେମାନଙ୍କ ମଧ୍ୟରେ ଚାଚା ଓ ମାମୁଁଙ୍କୁ ସାମିଲ କରାଯାଇନାହିଁ । କିନ୍ତୁ ସେହି ଦୁଇଜଣଙ୍କର ଗଣନା ମହରମ୍ (ଅର୍ଥାତ ଯାହାଙ୍କ ସହିତ ବିବାହ ହୋଇପାରିବ ନାହିଁ) ରିସ୍ତା ମଧ୍ୟରେ କରାଯାଏ । ଯେମିତି ହଜୁର ମଧ୍ୟ କହିଛନ୍ତି, ପବିତ୍ର କୁର୍‌ଆନ୍‌ର ସୁରଃ ନିସାରେ ଯେଉଁ ନିର୍ଦ୍ଦେଶ ଦିଆଯାଇଅଛି, ସେଥିରୁ ଏହା ପ୍ରମାଣ ହେଉଛି । କାରଣ ସେହି ଦୁଇଜଣ (ମାମୁଁ ଏବଂ ଚାଚା)ଙ୍କ ସହିତ ବିବାହ କରିବା ସମ୍ପୂର୍ଣ୍ଣ ରୂପେ ହରାମ୍ ଅର୍ଥାତ ଅବୈଧ ଅଟେ ।

ଏତଦ୍ ବ୍ୟତୀତ ହଦିସ୍‌ରେ ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ତାଙ୍କ ପଚାରିବାରେ ହଜୁର ସ:ଆ:ସ ତାଙ୍କୁ ଚାଚାଙ୍କୁ ପର୍ଦ୍ଦା ନ କରିବା ପାଇଁ କହିଥିଲେ । କିନ୍ତୁ ତା ସହିତ ପର୍ଦ୍ଦା ସମ୍ବନ୍ଧରେ ଏକଥା ପ୍ରତି ଧ୍ୟାନ ଦେବା ଜରୁରୀ ଯେ ଇସ୍‌ଲାମୀୟ ଶିକ୍ଷା ମୁତାବକ ମହରମ୍ ରିସ୍ତାରେ ପ୍ରତ୍ୟେକ ସ୍ତରର ରିସ୍ତାଠାରୁ ପର୍ଦ୍ଦା କରିବାରୁ ଛୁଟି ମିଳିବା ଏକ ଭିନ୍ନ ଅବସ୍ଥା ।

ଅତଏବ ଯେଉଁଭଳି ଏହି ଆୟତରେ ବନ୍ଧୁବାନ୍ଧବମାନଙ୍କଠାରୁ ପର୍ଦ୍ଦା କରିବା ବିଷୟରେ ଭିନ୍ନ ଭିନ୍ନ ଅବସ୍ଥା ରହିଛି ସେହିପରି ଅନ୍ୟାନ୍ୟ ମହରମ୍ ସମ୍ପର୍କୀୟମାନଙ୍କଠାରୁ ପର୍ଦ୍ଦା ନ କରିବା ବିଷୟରେ ବର୍ଣ୍ଣନା କରାଯାଇଅଛି ଏବଂ ଏହି ବିଷୟ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ତାଲା ବୁଝାଇଛନ୍ତି ଯେ ଚାଚା ଏବଂ ମାମୁଁ ଯେଉଁମାନେ ଗୋଟିଏ ଘର ଭିତରେ ସାଥିରେ ରହୁଥିବା ସମ୍ପର୍କୀୟ ନୁହନ୍ତି ବରଂ ବାହାର ଲୋକ ଅଟନ୍ତି । ଯଦିଚ ସେମାନଙ୍କର ଗଣନା ନିକଟ ସମ୍ପର୍କୀୟମାନଙ୍କ ମଧ୍ୟରେ ହୋଇଥାଏ କିନ୍ତୁ ଯେବେ ସେମାନେ ତୁମ ଘରକୁ ଆସିବେ, ସେତେବେଳେ ତୁମ ଘରର ଲୋକମାନଙ୍କ ଭଳି ଯଥା ସ୍ୱାମୀ, ବାପା, ପୁତ୍ର ଇତ୍ୟାଦିମାନଙ୍କ ସହିତ ପର୍ଦ୍ଦା କରିବାରେ ଯେମିତି Relax ହୋଇଥାଏ, ସେହିଭଳି ବାହାରୁ ଆସୁଥିବା ମାମୁଁ ଏବଂ ଚାଚା ଏବଂ ଅନ୍ୟାନ୍ୟ ମହରମ୍ ସମ୍ପର୍କୀୟମାନଙ୍କଠାରୁ ପର୍ଦ୍ଦା କରାଯାଇନଥାଏ ବରଂ ନିଜ ଘରର ଲୋକମାନଙ୍କ ଅପେକ୍ଷା ଅଧିକ ସତର୍କ ରହିବାକୁ ପଡ଼ିଥାଏ । ତେଣୁ ଯଦିଚ ସେମାନଙ୍କ ସାମନାରେ ଚେହେରାକୁ ଘୋଡ଼ାଇବା ଠିକ୍ ନୁହେଁ କିନ୍ତୁ ମୁଣ୍ଡ ଏବଂ ଛାତିକୁ ଢ଼ାଙ୍କି ଓ ନିଜକୁ ଯତ୍ନବାନ ହୋଇ ସେମାନଙ୍କ ସମ୍ମୁଖରେ ବସିବାକୁ ନିର୍ଦ୍ଦେଶ ରହିଛି । ସୁତରାଂ ଏହି କଥାହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ତାଲା କହିଛନ୍ତି ।

***(ସଂକଳକ- ଜହିର୍, ଅହ୍‌ମଦ୍ ଖାନ୍, ଅଭିଲେଖାଗାର ବିଭାଗ, ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀଲଣ୍ଡନ)***

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ଈଶ୍ୱରଙ୍କ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରିବା । ତେଣୁ ଆବଶ୍ୟକତା ଠାରୁ ଅଧିକା ନିଜ ପାଇଁ ଖର୍ଚ୍ଚ କରିବା ଓ ଅପଚୟ କରିବା ମଣିଷକୁ ଈଶ୍ୱରଙ୍କ ଉପାସନାରୁ ବଂଚିତ କରିଦେଇଥାଏ ସେହିଭଳି ଈଶ୍ୱରଙ୍କ ଭକ୍ତମାନଙ୍କର ଯେଉଁ ଅଧିକାର ଅଛି ତାହା ପ୍ରଦାନ କରିବାରୁ ମଧ୍ୟ ବଂଚିତ କରିଦେଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏ ପୃଥିବୀରେ ଅଗଣତି ଗରୀବ ଲୋକ ଅଛନ୍ତି, ଅଗଣତି ଗରୀବ ସମ୍ପ୍ରଦାୟ ରହିଛି, ଅଗଣତି ରୋଗୀ ଅଛନ୍ତି, ବହୁତ ଅଭାବୀ ଲୋକେ ଅଛନ୍ତି ଏବଂ ଏପରି ବହୁତ ଲୋକ ଅଛନ୍ତି ଯେଉଁମାନେ ଶିକ୍ଷା ଆହରଣ କରିବାକୁ ତ' ଚାହୁଁଛନ୍ତି କିନ୍ତୁ ଗରିବୀ ଯୋଗୁଁ ଶିକ୍ଷା ଆହୋରଣ କରିପାରୁନାହାନ୍ତି । ଯଦି ମଣିଷ ଏହା ଅନୁଭବ କରିବ ଯେ, ମୁଁ ଆଉ ଅପଚୟ କରିବି ନାହିଁ ଓ ଈଶ୍ୱର ମତେ ଯାହା କିଛି ଧନ ସମ୍ପତି ଦେଇଛନ୍ତି ସେଥିରୁ ବଂଚାଇ ଯେଉଁଠି ମୁଁ ନିଜ ପାଇଁ ଖର୍ଚ୍ଚ କରିବି, ମଣିଷର ସବୁଠାରୁ ପ୍ରଥମ ହକ୍ ହେଉଛି ନିଜ ଉପରେ ଖର୍ଚ୍ଚ କରିବା ପୁଣି ତା ନିଜ ସ୍ତ୍ରୀ ପିଲାଙ୍କ ଉପରେ ଖର୍ଚ୍ଚ କରିବା ତତ୍‌ସହିତ ମୁଁ ସେହି ଧନସମ୍ପତିରୁ ମାନବଜାତି ପାଇଁ ମଧ୍ୟ ଖର୍ଚ୍ଚ କରିବି । ଅଲ୍ଲାଃ ତାଲା କହୁଛନ୍ତି ଯେ, ଯଦି ତୁମେ ମୋ ଆଡ଼କୁ ଧ୍ୟାନ କେନ୍ଦ୍ରିତ କରିବ, ତୁମ ମନ ଭିତରେ ଏ ଭାବନା ସୃଷ୍ଟି ହେବ ଯେ, କେହି ଜଣେ ଈଶ୍ୱର ଅଛନ୍ତି । ଯିଏ ଏ ସଂସାରକୁ ସୃଷ୍ଟି କରିଛନ୍ତି । ସେତେବେଳେ ତୁମେ କୃତଜ୍ଞ ହେବ ଓ ଏହି କୃତଜ୍ଞ ହେବା ହିଁ ତା'ର ଉପାସନା କରିବା ଅଟେ । ଓ ପୁଣି ଅଲ୍ଲାଃ ତାଲା କହୁଛନ୍ତି ଯେ, ଏହି କୃତଜ୍ଞତା ଜ୍ଞାପନ କରିବା ମୋ ଭକ୍ତଙ୍କ ସାହାଯ୍ୟ ଆକାରରେ ହେବ । ଏହିପରି ବୁନିୟାଦି ଶିକ୍ଷା ଅଲ୍ଲାଃ ତାଲା ମସ୍‌ଜିଦ୍ ସହିତ ଯୋଡ଼ି ବର୍ଣ୍ଣନା କରିଛନ୍ତି । ତେଣୁ ଆମେ ଯେଉଁଠି ଏହି ମସ୍‌ଜିଦ୍‌ର ଅଧିକାରକୁ ସମ୍ପାଦନ କରିବା ସେଠାରେ ମାନବଜାତିର ଅଧିକାରକୁ ପ୍ରଦାନ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅମୀର ସାହେବ ଏଠାରେ ଚର୍ଚ୍ଚା କରିଛନ୍ତି ଯେ, ଏହି ସ୍ଥାନକୁ ବହୁତ ସମ୍ରାଟମାନେ ଆସିଛନ୍ତି ଆଖନ୍ ସହରର ଇତିହାସ ବହୁତ ପୁରୁଣା । ସାଂସାରିକ ସମ୍ରାଟମାନେ ଆସିଥାନ୍ତି ଓ ଚାଲିଯାଇଥାନ୍ତି ଓ ଆପଣମାନେ ଏକଥା ଶୁଣି ସାରିଛନ୍ତି ଯେ, ନେପୋଲିୟନ୍ ମଧ୍ୟ ଏଠାକୁ ଆସିଥିଲେ କିନ୍ତୁ ଏମାନେ ସମସ୍ତେ ଆସିଲେ ଓ ଚାଲିଗଲେ । କିଛି ଭଲ କାମ କଲେ ତେଣୁ ସେମାନଙ୍କୁ କିଛି ଦିନ ପର୍ଯ୍ୟନ୍ତ ଲୋକମାନେ ମନେ ରଖିଲେ ଓ ସେମାନଙ୍କର ସେହି ଭଲ କାମ ଯୋଗୁଁ ଇତିହାସ ମଧ୍ୟ ସେମାନଙ୍କୁ ସୁରକ୍ଷିତ ରଖିଛି । ସେହିଭଳି ସେମାନଙ୍କ ମଧ୍ୟରୁ କିଛି ସମ୍ରାଟ ଠିକ୍ କାମ କରିନଥିଲେ, ଯେମିତି ଆପଣମାନେ ସମ୍ରାଟମାନଙ୍କର ଅତ୍ୟାଚାର ବିଷୟରେ ଶୁଣିଛନ୍ତି । ତେଣୁ ସମ୍ରାଟମାନେ

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ୍ତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡାକ୍ତରଖାନାର ଡାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତ୍ତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର, ପିନ୍-୧୪୩୫୧୬**
**ମୋବାଇଲ:-୦୯୮୨୬୨୭୫୯୨, ୦୯୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ଚ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 19 Aug 2021 Issue No. 33

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ମଇ ଜୁନ୍ ୨୦୧୫)

*ହଜୁର ଅନଓ୍ୱର ଅ:ବ:ଅଙ୍କ ତାଜା ୟୁରୋପ ଗସ୍ତ (ସେପ୍ଟେମ୍ବର ଅକ୍ଟୋବର ୨୦୧୯)ର ରିପୋର୍ଟ ଗତ ସଂଖ୍ୟାରେ ଶେଷ ହୋଇଯାଇଛି । ଅଲ୍‌ହମ୍‌ଦୁଲିଲ୍ଲାଃ ଏବେ ଏହି ସଂଖ୍ୟାରୁ ୨୦୧୫ ମସିହାର ରିପୋର୍ଟ ପ୍ରକାଶିତ ହେବ । ଯେପର୍ଯ୍ୟନ୍ତ ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତର କୌଣସି ତାଜା ରିପୋର୍ଟ ହସ୍ତଗତ ନ ହୋଇଛି ସେ ପର୍ଯ୍ୟନ୍ତ ବିଗତ ରିପୋର୍ଟ ଗୁଡ଼ିକ ଯାହା ପ୍ରକାଶିତ ହୋଇପାରିନାହିଁ ତାହା ଏଥିରେ ସାମିଲ କରାଯିବ । ତାଜା ରିପୋର୍ଟ ହସ୍ତଗତ ହେବାରେ ପୂର୍ବ ରିପୋର୍ଟଗୁଡ଼ିକୁ ରୋକି ଦିଆଯାଇ ତାଜା ରିପୋର୍ଟ ପ୍ରକାଶ କରାଯିବ । (କାର୍ଯ୍ୟାଳୟ)*

## ୨୩ ମଇ ୨୦୧୫ (ଶନିବାର)
## ରିପୋର୍ଟର ବଳକାଅଂଶ
## ମନ୍ତ୍ରୀ ସାହେବଙ୍କର ବାର୍ତାର ଅବଶିଷ୍ଟାଂଶ

ଯମାତ୍ ଅହେମଦିୟାର ସ୍ଲୋଗାନ ହେଉଛି ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ । ଏଥିରୁ ଏହା ପ୍ରକାଶ ହେଉଛି ଯେ ଅହେମଦିୟା ମୁସ୍‌ଲିମ୍ ଯମାତ୍ ଶାନ୍ତି ପ୍ରତିଷ୍ଠା କରିବାପାଇଁ ବହୁତ ଜୋର୍ ଦେଇଥାଏ ଏବଂ ଏକତା ପ୍ରେମ, ଭାଇଚାରା ସୃଷ୍ଟି କରିବାକୁ ଚାହିଁଥାଏ ଓ ଚରମପନ୍ଥୀ କାର୍ଯ୍ୟକଳାପକୁ ରୋକିବାକୁ ଚାହିଁଥାଏ ।

ଶେଷରେ ସେ ମହାଶୟ କହିଲେ, ଅହେମଦିମାନେ ବହୁତ ଖୋଲାଖୋଲି ଭାବେ ଇଂଟିଗ୍ରେଟ୍ ଅଛନ୍ତି ଏବଂ ଆମ ସମାଜର ଅଂଶ ବିଶେଷ ହୋଇ ରହିଛନ୍ତି । ଆପଣମାନେ ସମସ୍ତେ ନିଜ ନିଜର ଧର୍ମ ଓ ପ୍ରଥା ମୁତାବକ ଜର୍ମାନୀ ଓ ୱେଷ୍ଟଫଲେନ୍ ପ୍ରଦେଶର ଅଂଶ ବିଶେଷ ଅଟନ୍ତି ।

ତା'ପରେ ନର୍ଦନ ୱେଷ୍ଟଫଲେନ୍ ପ୍ରଦେଶର ମେମ୍ବର ଅଫ୍ ପାର୍ଲାମେଂଟ Karl Schultheis ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ ଯେ, ମୁଁ ମହାମହିମ ଖଲିଫତୁଲ୍ ମସିହିଲ୍‌ଙ୍କୁ ଅଭିବାଦନ ଜଣାଉଛି । ହଜୁରଙ୍କର ଏହି ଆଖନ୍‌କୁ ଆସିବା ଆମ ପାଇଁ ବହୁତ ସମ୍ମାନର ବିଷୟ ।

ପୁଣି ସେ ମହାଶୟ ଜଣେ ଅମେହଦି ବନ୍ଧୁ ତାରିକ୍ ଅର୍ଶଦ୍ ସାହେବଙ୍କ ଚର୍ଚ୍ଚା କରି କହିଲେ ଯେ, ତାଙ୍କର ଟାଉନ୍ ହଲ୍ ସାମନରେ ଗୋଟିଏ ଫୁଲ ଦୋକାନ ଅଛି । ତାରିକ୍ ସାହେବ୍ ସର୍ବଦା ଉତମ ବ୍ୟବହାର କରିଥାନ୍ତି ଓ ଜଣେ ସାହାଯ୍ୟକାରୀ ବ୍ୟକ୍ତି ଅଟନ୍ତି । ସବୁବେଳେ ଏ ସହରର ଅଧିବାସୀମାନଙ୍କ ସହିତ ଏବଂ ପାର୍ଲାମେଂଟ ସଦସ୍ୟମାନଙ୍କ ସହିତ ଉତମ ବ୍ୟବହାର କରିଥାନ୍ତି ଓ ଅଧିକାଂଶ ସମୟ ଅହେମଦିୟତ୍‌ର ତବ୍‌ଲିଗ୍ କରିଥାନ୍ତି ଓ ସେଥିପାଇଁ ଯୋଗାଯୋଗ ମଧ୍ୟ କରିଥାନ୍ତି ।

ସେ ପୁଣି କହିଲେ, ଯେଉଁ ବ୍ୟକ୍ତି ଘର ବନାଇଥାଏ ସେ ସେଥିରେ ରହିବାକୁ ମଧ୍ୟ ଚାହିଁଥାଏ । ତେଣୁ ଯିଏ ଈଶ୍ୱରଙ୍କର ଘର ବନାଇଥାଏ ସେ ନିଶ୍ଚିତ ରୂପେ ସେଠାରେ ରହିବାକୁ ଇଚ୍ଛା କରିଥାଏ । ସୁତରାଂ ଆଜିର ଏହି ଦିନଟି ବହୁତ ଖୁସିର ଦିନ ଓ ସମସ୍ତଙ୍କ ସହିତ ମିଶି ଏକାଠି ଏହି ଖୁସିକୁ ପାଳନ କରାଯାଉଅଛି । ଏହା ଧାର୍ମିକ ସ୍ୱାଧିନତା ବିନା କେବେ ସମ୍ଭବପର ନଥିଲା । ପ୍ରତ୍ୟେକ ବ୍ୟକ୍ତି ଏହା ଏକ ମୌଳିକ ଅଧିକାର ଯେ, ସେ ତା' ନିଜ ଇଚ୍ଛା ଅନୁସାରେ ଯେ କୌଣସି ଧର୍ମକୁ ଗ୍ରହଣ କରୁ ଓ ତା' ଉପରେ ପରିଚାଳିତ ହେଉ ।

ପୁଣି ସେ କହିଲେ ଯେ, ''ମସ୍‌ଜିଦ୍ ମନ୍‌ସୁର୍'' ନିର୍ମାଣ ହେବା ଦ୍ୱାରା ଜମାତ୍ ଅହେମଦିୟାକୁ ମଧ୍ୟ ସେହି ସମ୍ମାନ ଓ ଗୌରବ ହାସଲ ହେଉଛି ଯାହା ତାହାର ଅଧିକାର । ଆମ ସମସ୍ତଙ୍କ ପାଇଁ ଏହା ଜରୁରୀ ଅଟେ ଯେ, ଆମେ ଜଣେ ଅନ୍ୟ ଜଣକର ଧର୍ମକୁ ସେହିଭଳି ସମ୍ମାନ ଦେବା ଯେଉଁଭଳି ଆମେ ନିଜ ଧର୍ମର ସମ୍ମାନ କରୁଅଛେ । ଏହିପରି ନିଶ୍ଚିତ ରୂପେ ଆମେମାନେ ଆପୋଷରେ ମିଳିମିଶି ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ରହିପାରିବା ।

ପୁଣି ସେ ମହାଶୟ ଶେଷରେ ଏକଥାରେ ଖୁସି ଅନୁଭବ କରି କହିଲେ ଯେ, ଆମକୁ ଏହି ଆଖନ୍‌ଠାରେ ମସ୍‌ଜିଦ୍‌ର ନିର୍ମାଣ ହେବା ସହିତ ବହୁତ ଭଲ ପଡ଼ୋଶୀ ମଧ୍ୟ ମିଳିଗଲେ । ଈଶ୍ୱର ଆମ ସମସ୍ତଙ୍କ ପାଇଁ ଏହି ମସ୍‌ଜିଦ୍‌କୁ ମଙ୍ଗଳମୟ କରନ୍ତୁ ।

ଆଜି ମସ୍‌ଜିଦ୍ ମନ୍‌ସୁର୍ ର ଉଦ୍‌ଘାଟନୀ ଉତ୍ସବ ଅବସରରେ ୟୁରୋପୀୟନ୍ ପାର୍ଲାମେଂଟର ସଭାପତି Honble Martin Schulz ସାହେବ ମଧ୍ୟ ନିଜର ବାର୍ତା ପଠାଇଥିଲେ ।

ମୋକରମ୍ ଅମୀର ସାହେବ ଯମାତ୍ ଅହେମଦିୟା ଜର୍ମାନୀ ତାଙ୍କର ସେହି ବାର୍ତାକୁ ପଢ଼ି ଶୁଣାଇଲେ ।

ମହାମହିମ ଖଲିଫତୁଲ୍ ମସିହିଲ୍ ହଜ୍‌ରତ୍ ମିର୍ଜା ମସରୁର୍ ଅହେମଦ୍, ଲର୍ଡ଼ ମେୟର ଏବଂ ଉପସ୍ଥିତ ଭଦ୍ରମଣ୍ଡଳି !

ମତେ ବହୁତ ଖୁସି ଲାଗୁଛି ଯେ, ଅହେମଦିୟା ମୁସ୍‌ଲିମ୍ ଯମାତ୍‌ର ନବନିର୍ମାଣ ମସ୍‌ଜିଦ୍ ମନ୍‌ସୁର୍‌ର ଏହି ଉଦ୍‌ଘାଟନୀ ଉତ୍ସବ ଅବସରରେ ମତେ ଆପଣମାନଙ୍କୁ କିଛି କହିବାର ଅବସର ଦିଆଯାଇଅଛି । ନିଜର କାର୍ଯ୍ୟବ୍ୟସ୍ତତା ଯୋଗୁଁ ମୁଁ ଆଜି ଏହି ଉତ୍ସବରେ ସାମିଲ ହେବାରୁ ବଂଚିତ ହେଲି । ମସ୍‌ଜିଦ୍ ମନ୍‌ସୁର୍‌ର ଉଦ୍‌ଘାଟନୀ ଏବଂ ବିଶ୍ୱବ୍ୟାପୀ ଯମାତ୍ ଅହେମଦିୟା ସର୍ବୋଚ୍ଚ ନେତାଙ୍କ ଆଗମନ ଆମ ପାଇଁ ଏକ ମାଇଲ ଖୁଂଟ ହେବ ।

ବାକ୍ ସ୍ୱାଧିନତା ଏବଂ ଧାର୍ମିୟ ସ୍ୱାଧିନତା ୟୁରୋପର ରାଜନୈତିକ ଅଧିକାର ମଧ୍ୟରୁ ଗୋଟିଏ ଅଧିକାର ଏବଂ ଏହି ଅଧିକାର ମସ୍‌ଜିଦ୍ ମନ୍‌ସୁର୍‌କୁ ଆଖନ୍ ସହର ର ଧାର୍ମିକ ପୀଠ ମାନଙ୍କ ମଧ୍ୟରେ ସାମିଲ କରାଯିବା ଯୋଗୁଁ ଆହୁରି ମଧ୍ୟ ସୁଦୃଢ଼ କରାଯାଇଅଛି ।

ଆଖନ୍ ସହରଟି ତିନୋଟି ଦେଶର ସୀମା ସହିତ ସଂଯୋଗ ହୋଇଥିବା ଯୋଗୁଁ ଏହା ଏକ ୟୁରୋପୀୟ ସହର ଅଟେ । ଏଠାରେ ଭିନ୍ନ ଭିନ୍ନ ଭୌଗଳିକ ସୀମା ଓ ବିଭିନ୍ନ ଧର୍ମ ଥିବା ସତ୍ୱେ ମଧ୍ୟ ଇଂଟିଗ୍ରେସନକୁ ସବୁଠାରେ ଆଗରେ ରଖାଯାଇଅଛି ଏବଂ ଏହାକୁ କାର୍ଯ୍ୟରେ କରା ମଧ୍ୟ ଯାଉଅଛି । କିନ୍ତୁ ଏହିଭଳି ଅବସ୍ଥା ୟୁରୋପୀୟ ୟୁନିୟନର ସବୁସ୍ଥାନରେ ନାହିଁ । କିଛି ନକରାତ୍ମକ ତର୍କ ବିତର୍କ ଯୋଗୁଁ ଜାତୀୟ ଅସ୍ମିତାକୁ ମାତ୍ରାଧିକ ଉଜାଗର କରିବା ହେତୁ ଜଣକୁ ଅନ୍ୟ ଜଣକ ବିରୋଦ୍ଧରେ ଭୟ ସୃଷ୍ଟି କରାଯାଉଅଛି ଏବଂ ଏ ସମାଜକୁ ଅସ୍ଥିରତାରେ ପକାଇବା ପାଇଁ ଚେଷ୍ଟା କରାଯାଉଅଛି । ଯେବେ କି ଆମେ ଏପରି ଏକ କମ୍ୟୁନିଟି ମଧ୍ୟରେ ରହିଛୁ ଯାହା ଭାଇଚାରା ଏବଂ ଆପୋଷ ସୌହାର୍ଦ୍ଦ୍ୟ ଉପରେ ଆଧାରିତ ।

ମସ୍‌ଜିଦ୍ ମନ୍‌ସୁର୍‌ର ଉଦ୍‌ଘାଟନି ଓ ତାହା ସହିତ ସମାଜିକ, ଚାରିତ୍ରିକ ସେବା ଆଖନ୍ ସହରର ଖୋଲା ହୃଦୟକୁ ସ୍ୱଷ୍ଟ କରୁଅଛି । ମୁଁ ଯମାତ୍ ଅହେମଦିୟା ପାଇଁ, ତାହାର ସଦସ୍ୟମାନଙ୍କ ପାଇଁ ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଦେଉଅଛି ଓ ଯମାତ୍‌ର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଅଛି ।

ତା'ପରେ ଠିକ୍ ୮ ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜର ଅଭିଭାଷଣ ପ୍ରଦାନ କଲେ ।

## ମସ୍‌ଜିଦ୍ ମନ୍‌ସୁର୍ ର ଉଦ୍‌ଘାଟନୀ ଉତ୍ସବ ଅବସରରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ

ହଜୁର ଅନଓ୍ୱର ଅ:ବ:ଅ ତଉଜ୍, ତଶ୍‌ମିୟା ଏବଂ ତଶ୍‌ହୁଦ୍ ପାଠ କରିବା ପରେ କହିଲେ,

ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ମୁଁ ଅସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହି ୱ ବରକାତୁହୁ ପେଶ୍ କରୁଅଛି ଅଲ୍ଲାଃ ତାଲା ସମସ୍ତଙ୍କୁ ଶାନ୍ତି ଓ ସୁରକ୍ଷିତ ରଖନ୍ତୁ । ଏହା ହିଁ ଆମର ର୍ବାତା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ମତେ ଏକଥା ବତାଯାଇଅଛି ଯେ, ଏଠାରେ ଅତିଥିମାନଙ୍କୁ ଛଅଟା ବେଳର ସମୟ ଦିଆଯାଇଥିଲା ଏବଂ ମୋ ଆସିବାରେ ବହୁତ ବିଳମ୍ବ ହୋଇଗଲା । ପ୍ରାୟ ଏକ ଘଂଟାରୁ ଅଧିକା ସମୟ ଆପଣମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଲା । ସେଥିପାଇଁ ମୁଁ କ୍ଷମା ଚାହୁଁଅଛି । ଇନ୍‌ତେଜାମିୟାକୁ ମୋ ଗସ୍ତ ସମ୍ବନ୍ଧରେ ଆକଳନ କରି ସମୟ ଦେବାର ଥିଲା । ମୁଁ ଆଜି ସକାଳୁ ଲଣ୍ଡନରୁ ବାହାରିଛି ଓ ସଡ଼କ ପଥ ଦ୍ୱାରା ଆସିଲି । ଟ୍ରେନ୍ ଯାତ୍ରା ପରେ ପୁଣି ଆଗକୁ ରାସ୍ତାର ଟ୍ରାଫିକ ଓ ବହୁତ ଦୂର ରାସ୍ତା ଯୋଗୁଁ ମୁଁ ସମୟରେ ପହଂଚି ପାରିଲ ନାହିଁ । ତେଣୁ ସର୍ବପ୍ରଥମେ ଏହି ବିଳମ୍ବ ଯୋଗୁଁ କ୍ଷମା ଚାହୁଁଛି ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏବେ ମୁଁ ଆଜିକାର ଏହି ମସ୍‌ଜିଦ୍ ମନ୍‌ସୁରର ଉଦ୍‌ଘାଟନୀ ସମ୍ବନ୍ଧିତ ବିଷୟବସ୍ତୁ ଉପରକୁ ଆସୁଅଛି । ଏବେ ଆପଣମାନଙ୍କ ସମ୍ମୁଖରେ ପବିତ୍ର କୁର୍‌ଆନ୍‌ର ଆୟତ ଆବୃତି କରାଗଲା । ଯେଉଁଥିରେ ଏକଥା ବତାଯାଇଅଛି ଯେ, ଅପଚୟ କରନାହିଁ । ଖାଅ, ପିଅ କିନ୍ତୁ ନଷ୍ଟ କରନାହିଁ । ନ୍ୟାୟ ବିଚାର କର । ଏହା ହେଉଛି ଏପରି ଏକ ଶିକ୍ଷା ଯାହାକୁ ଅଲ୍ଲାଃ ତାଲା ମସ୍‌ଜିଦ୍ ସହିତ ଯୋଡ଼ି ଦେଇଛନ୍ତି ଓ ତାହାର ସମ୍ବନ୍ଧ ମସ୍‌ଜିଦ୍ ସହିତ କାଏମ୍ କରିଛନ୍ତି । ଈଶ୍ୱର ମଣିଷକୁ କେବଳ ଖାଇ ପିଇ ବଂଚିବା ପାଇଁ ସୃଷ୍ଟି କରିନାହାନ୍ତି । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତି ଯେ, ପଶୁପକ୍ଷୀମାନେ ମଧ୍ୟ ଖାଉଛନ୍ତି ଓ ପିଉଛନ୍ତି ତେଣୁ ପଶୁମାନଙ୍କ ଖାଇବା ଓ ମଣିଷଙ୍କ ଖାଇବାରେ ତଫାତ ରହିବା ଉଚିତ । ପ୍ରକୃତ କଥା ହେଉଛି ଏହାକି ଈଶ୍ୱର ମଣିଷକୁ ସାଂସାରିକ ଲାଭ ଉଠାଇବା ପାଇଁ ଏହି ଖାଇବା ପିଇବାର ଜିନିଷ ସବୁ ଉପଲବ୍ଧ କରାଇଛନ୍ତି । ତେଣୁ ସେଥିରୁ ଲାଭ ଉଠାଉ । ଅର୍ଥାତ ଯାହା କିଛି ସୁବିଧା ସୁଯୋଗ ଦିଆଯାଇଅଛି ସେଥିରୁ ଲାଭ ଉଠାଉ । କିନ୍ତୁ ପ୍ରତ୍ୟେକ ଜିନିଷରେ ସନ୍ତୁଳନ ରଖିବା ଉଚିତ ଓ ଏହି ସନ୍ତୁଳନ ରକ୍ଷା କରିବା ହେଉଛି ଜଣେ ପ୍ରକୃତ ମଣିଷର କାର୍ଯ୍ୟ । ଯେତେବେଳେ ଏହି ସବୁ କଥାଗୁଡ଼ିକ ଉପରେ ପରିଚାଳିତ ହେବେ ସେତେବେଳେ ଅଲ୍ଲାଃ ତାଲା କହୁଛନ୍ତି ଯେ, ତୁମମାନଙ୍କର ଧ୍ୟାନ ପୁଣି ଈଶ୍ୱରଙ୍କ ଉପାସନା କରିବା ପ୍ରତି ସୃଷ୍ଟି ହେବ ଏବଂ ମସ୍‌ଜିଦ୍‌କୁ ଆବାଦ୍ କରିବାପାଇଁ ଧ୍ୟାନ କେନ୍ଦ୍ରିତ ହେବ । ଏହିଭଳି ସୁନ୍ଦର ଶିକ୍ଷା ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ଆମକୁ ଦେଇଛନ୍ତି ଯେ, ସାଂସାରିକ ବସ୍ତୁଠାରୁ ନିଶ୍ଚିତ ରୂପେ ଲାଭ ତ' ଉଠାନ୍ତୁ କିନ୍ତୁ ତା' ସହିତ ଏହା ମଧ୍ୟ ମନେରଖନ୍ତୁ ଯେ, ତୁମର ଉଦ୍ଦେଶ୍ୟ ହେଉଛି ଏକ ଅଦ୍ୱିତୀୟ ଈଶ୍ୱରଙ୍କ ଉପାସନା କରିବା ଏବଂ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan